

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୧୨ ମଇ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 12 MAY 2021

Vol.No. 32 ■ No. 120 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ପ୍ରକାଶ ଅପେକ୍ଷାରେ

ରଥ ଯାତ୍ରା .....

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ଭାରତରେ ଦ୍ୱିତୀୟ ଲହରକୁ ନେଇ ଚିନ୍ତା ପ୍ରକଟ କଲା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ

ଭୂତାଣୁର ନୂଆ ପ୍ରକାର ପୂର୍ବ ସଂକ୍ରମଣ ତୁଳନାରେ ଅଧିକ ବେଗରେ ମାଡୁଛି

ନୂଆଦିଲ୍ଲୀ,୧୧/୦୫: ଭାରତରେ ଦେଖା ଦେଇଥିବା କରୋନାର ଡବଲ ମ୍ୟୁଟାଂଟ୍ ସମଗ୍ର ବିଶ୍ୱ ପାଇଁ ଚିନ୍ତାର କାରଣ । ଏହା ଖୁବ ଦ୍ରୁତ ବେଗରେ ସଂକ୍ରମିତ ହେଉଥିବାରୁ ଚିନ୍ତା ପ୍ରକାଶ କରିଛି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ- ଡବ୍ଲୁଏଚଓ । ଆଜି ଏକ ସାମ୍ବାଦିକ ସମ୍ମିଳନୀ କରି ଡବ୍ଲୁଏଚଓ କହିଛି ଭାରତରେ ଦେଖା ଦେଇଥିବା କରୋନାର ନୂଆ ରୁପ- ବି.୧.୬୧୭ ଗତବର୍ଷ ଅକ୍ଟୋବର ବେଳକୁ ଚିହ୍ନଟ ହୋଇଥିଲା । ତେବେ ରୁପ ବଦଳାଇବା ପରେ ମୂଳ ଭୂତାଣୁ

ଅପେକ୍ଷା ଏହା ଅଧିକ ଦ୍ରୁତ ଗତିରେ ଲୋକଙ୍କୁ ସଂକ୍ରମିତ କରୁଛି । ସେହିପରି ନିଜକୁ ସୁରକ୍ଷା ଦେବା ପାଇଁ ଏହି ନୂଆ ପ୍ରକାର ଭୂତାଣୁ ଅନେକ ବିକଶିତ ହୋଇସାରିଛି । ତେଣୁ ଏହାକୁ ସମଗ୍ର ବିଶ୍ୱ ପାଇଁ ଚିନ୍ତାର କାରଣ ବୋଲି କହିଛି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ । ତେବେ ଡବ୍ଲୁଏଚଓର ମୁଖ୍ୟ ବୈଜ୍ଞାନିକ ସୌମ୍ୟା ସ୍ୱାମୀନାଥନ କହିଛନ୍ତି ଭାରତରେ ଦେଖାଦେଇଥିବା ମ୍ୟୁଟାଂଟ ବିରୋଧରେ ସମସ୍ତ କରୋନା ଟିକା ପ୍ରଭାବୀ ହୋଇପାରିବ । ତେଣୁ ଟିକାକରଣକୁ ଜୋରଦାର କରିପାରିଲେ ଏହି ଭୂତାଣୁର ପ୍ରଭାବ ବିଶ୍ୱରେ କମାଯାଇ ପାରିବ ।

‘ବ୍ଲାକ ଫଙ୍ଗସ୍’ ଲକ୍ଷଣ ଥିବା ଆଉ ଦୁଇ ଜଣ ରୋଗୀ ଓଡ଼ିଶାରୁ ଚିହ୍ନଟ

ଜଣେ ଦୃଷ୍ଟିଶକ୍ତି ହରାଇଥିବା ବେଳେ, ଆଉ ଜଣଙ୍କ ଆଖି ଓ ନାକ ପ୍ରଭାବିତ

ଭୁବନେଶ୍ୱର,୧୧/୦୫(ନି.ପ୍ର): ଗୋଟିଏ ପଟେ କୋଭିଡ ମୁଣ୍ଡବ୍ୟଥାର କାରଣ ପାଲଟି ଥିବା ବେଳେ ଏବେ ବ୍ଲାକ ଫଙ୍ଗସ ନୂଆ ଭୟ ସୃଷ୍ଟି କଲାଣି, ସୋମବାର ବ୍ଲାକ ଫଙ୍ଗସ ଥିବା ଜଣେ ଚିହ୍ନଟ ହୋଇଥିବା ବେଳେ ମଙ୍ଗଳବାର ଭୁବନେଶ୍ୱରର ଆଉ ଏକ ଘରୋଇ ହସ୍ପିଟାଲ ରେ ‘ବ୍ଲାକ ଫଙ୍ଗସ’ ଲକ୍ଷଣ ଥିବା ଦୁଇ ଜଣ ରୋଗୀ ଚିହ୍ନଟ ହୋଇଛନ୍ତି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସେହି ଦୁଇଜଣ ରୋଗୀଙ୍କୁ ପୂର୍ବରୁ କୋଭିଡ ହୋଇଥିଲା ଏବଂ ତା ପରେ ବ୍ଲାକ ଫଂଗଶ ହୋଇଛି, ଏବେ ଆଖି ନାକ ଫୁଲିବା ସହ ମୁଣ୍ଡ ବ୍ୟଥା ମଧ୍ୟ ହେଉଛି, ସବୁଠାରୁ ଚିନ୍ତାଜନକ ବିଷୟ



ହେଉଛି ଜଣେ ରୋଗୀର ଗୋଟିଏ ପଟ ଆଖିରେ ଦେଖିବା କ୍ଷମତା ଆଉ ରହିନାହିଁ । ଅନ୍ୟପଟେ ଏହି ବ୍ଲାକ ଫଙ୍ଗଶ ଏକ ନୂଆ ରୋଗ ନୁହେଁ ବୋଲି କହିଛନ୍ତି କେଆର ହସ୍ପିଟାଲ କନସଲଟାଣ୍ଟ ନିଉରୋଲଜିଷ୍ଟ ମିତାଲି କର,ଏହି ରୋଗ ପୂର୍ବରୁ ମଧ୍ୟ ଥିଲା ଓ ଏହାର ଚିକିତ୍ସା କରାଯାଉଥିଲା, ବିଭିନ୍ନ ମାଧ୍ୟମରେ ଏହି ରୋଗ ମଣିଷ ଶରୀରକୁ ଆସିଥାଏ, ଏହା ପ୍ରଭାବରେ ▶▶ପୃଷ୍ଠା ୭

ଓଡିଶାରେ ହେବ ୭ଟି ଅକ୍ସିଜେନ ପ୍ଲାଂଟ

ଭୁବନେଶ୍ୱର,୧୧/୦୫ (ନି.ପ୍ର): ଓଡ଼ିଶାରେ ୭ଟି ଅକ୍ସିଜେନ ପ୍ଲାଂଟ ନିର୍ମାଣ କରିବ ଡିଆରଡିଓ । ରାଜ୍ୟର ବୌଦ୍ଧ, କଟକ, ଭଦ୍ରକ, ଗଜପତି, ଝାରସୁଗୁଡ଼ା, ନୟାଗଡ଼ ଓ କୋରାପୁଟରେ ଏହି ଅକ୍ସିଜେନ୍ ପ୍ଲାଂଟ ହେବ । ଅକ୍ସିଜେନ୍ ପ୍ଲାଂଟର କେବଳ ସିଭିଲ୍ ଓ ଇଲେକ୍ଟ୍ରିକାଲ୍ କାମ ଏନଏଚଏଆଇ କରିବ । ସମସ୍ତ ପ୍ଲାଂଟ ନିର୍ମାଣ ପାଇଁ ଜାଗା ଚିହ୍ନଟ ହୋଇସାରିଥିବା ବେଳେ ବୌଦ୍ଧ ଓ କଟକରେ କାମ ଆରମ୍ଭ ହୋଇସାରିଥିବା ନେଇ ଏନଏଚଏଆଇ କର୍ତ୍ତୃପକ୍ଷ କହିଛନ୍ତି । ଉଲ୍ଲେଖ୍ୟଯୋଗ୍ୟ ଯେ କରୋନା ମହାମାରୀ ସମୟରେ ଦେଶର ବିଭିନ୍ନ ସ୍ଥାନରୁ ଅମ୍ଳଜାନ ଅଭାବରୁ ରୋଗୀଙ୍କ ମୃତ୍ୟୁ ହେବା ନେଇ ଖବର ଆସୁଛି । ଏଭଳି ସ୍ଥିତିରେ ଅମ୍ଳଜାନର ଅଭାବ ଦୂର ପାଇଁ ଓଡିଶାରୁ ଦିଲ୍ଲୀ , ଉତରପ୍ରଦେଶ , ମହାରାଷ୍ଟ୍ର ପରି ରାଜ୍ୟମାନଙ୍କୁ ଅମ୍ଳଜାନ ପଠାଯାଉଛି । ଅଧିକ ଅକ୍ସିଜେନ୍ ପ୍ଲାଂଟ ପ୍ରତିଷ୍ଠା ଦ୍ୱାରା ଅମ୍ଳଜାନ ଯୋଗାଣ ଆହୁରି ତ୍ୱରାନ୍ୱିତ ହୋଇପାରିବା ନେଇଆଶା କରାଯାଉଛି ।

ପ୍ରଦୀପ୍ତ ନାଏକ ଏବେ ବି ଗୁରୁତର : ସର୍ବୋତ୍କୃଷ୍ଟ ଚିକିତ୍ସା ଯୋଗାଇଦେବାକୁ କହିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୧/୦୫(ନି.ପ୍ର): ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକଙ୍କୁ ସର୍ବୋତ୍କୃଷ୍ଟ ଚିକିତ୍ସା ସେବା ଯୋଗାଇ ଦେବାକୁ କହିଛନ୍ତି ମୁଖ୍ୟମନ୍ତ୍ରୀ । ମଙ୍ଗଳବାର ଦିନ ତାଙ୍କ ସ୍ୱାସ୍ଥ୍ୟବସ୍ଥା ନେଇ ଏମସ୍ ଓ ଏସସିବି ଡାକ୍ତରଙ୍କ ସହ କଥା ହୋଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ▶▶ପୃଷ୍ଠା ୭

କରୋନା ବିରୋଧୀ ଟିକାକରଣରେ ଆଉପାଦେ ଆଗେଇଲା ଆମେରିକା

୧୨ ରୁ ୧୫ ବର୍ଷର ପିଲାଙ୍କୁ ଦିଆଯିବ ଟିକା

ନୂଆଦିଲ୍ଲୀ,୧୧/୦୫: ଭାରତରେ ବଢୁଥିବା କରୋନା ସଂକ୍ରମଣ ଭିତରେ ଗତକାଲି ଆମେରିକା ୧୨ ରୁ ୧୫ ବର୍ଷ ମଧ୍ୟରେ ପିଲାଙ୍କୁ ଟିକା ଦେବାକୁ ନିଷ୍ପତ୍ତି ନେଇଛି । ଏନେଇ ଫାଇଜର- ବାୟୋଏନଟେକ କୋଭିଡ-୧୯ ଟିକାକୁ ଅନୁମତି ଦେଇଛି । ଆମେରିକାର ଫୁଡ ଆଣ୍ଡ ଡ୍ରଗ୍ସ ଆଡମିଷ୍ଟେଟର ଏହାପୂର୍ବରୁ ୧୬ ବର୍ଷ ଉପରକୁ ଲୋକଙ୍କୁ ଟିକା ଦେବାକୁ ମଞ୍ଜୁରୀ ପ୍ରଦାନ କରିଥିଲା । ଏବେ ଏହି ଟିକାର ଖୋରାକ ୧୨ ରୁ ୧୫ ବର୍ଷର ପିଲାଙ୍କୁ ଦିଆଯିବ ବୋଲି କହିଛି । ଆମେରିକା ରାଷ୍ଟ୍ରପତି ଏହାକୁ

କରୋନା ବିରୋଧ ଲଢେଇରେ ମହତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କହିଛନ୍ତି । ଅନ୍ୟପଟେ ଭାରତରେ ଦେଖାଦେଇଥିବା କରୋନାର ନୂଆ ଭାରିଏଣ୍ଟ(ବି-୧୬୧୭) କୁ ନେଇ ଚିନ୍ତା ପ୍ରକଟ କରିଛି ବିଶ୍ୱ ସ୍ୱସ୍ଥ୍ୟ ସଂଗଠନ । ଏହି ବିପଦପୂର୍ଣ୍ଣ ଭୂତାଣୁ ସଂକ୍ରମଣ ଏବେ ଭାରତ ସମେତ ଅନ୍ୟ କିଛି ଦେଶରେ ଦେଖିବାକୁ ମିଳିଛି । ▶▶ପୃଷ୍ଠା ୭

ଗୋଟିଏ ଦିନରେ ୯୭୯୩ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୧୧/୦୫ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୯୭୯୩ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୫୫୪୬୬୬ କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ▶▶ପୃଷ୍ଠା ୭

କୋଭିଡ କଟକଣାରେ ବିନା ଭକ୍ତରେ ପାଳିତ ହେବ ଚନ୍ଦନଯାତ୍ରା : ନରେନ୍ଦ୍ର ପୁଷ୍କରିଣୀରେ ଲାଗିବ ୧୪୪ ଧାରା

ଭୁବନେଶ୍ୱର,୧୧/୦୫(ନି.ପ୍ର): କୋଭିଡ କଟକଣା ଭିତରେ ବିନା ଭକ୍ତରେ ପାଳିତ ହେବ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା । ସେହିପରି ଶ୍ରୀମନ୍ଦିରରେ ଅକ୍ଷୟାତୃତୀୟ ନୀତି ପାଳିତ ହେବ ନାହିଁ । ତେବେ ବଡ ଦେଉଳରେ ନୀତିକାନ୍ତି ପାଇଁ କେବଳ ୫୦ ପାଳିଆ ସେବାୟତଙ୍କୁ ପ୍ରବେଶ ଅନୁମତି ମିଳିବ ବୋଲି ସୂଚନା ମିଳିଛି । ଆଜି ଛତିଶାନିଯୋଗ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ଚନ୍ଦନ ଯାତ୍ରା ଦିନ ନରେନ୍ଦ୍ର ପୁଷ୍କରିଣୀ ଚାରିପଟେ ୧୪୪ ଧାରା ଜାରି ରହିବ । ଚନ୍ଦନ ଯାତ୍ରାର ସିଧାପ୍ରସାରଣ ନେଇ ଗଣମାଧ୍ୟମ ଉପରେ କଟକଣା ଜାରି କରାଯାଇଛି । ଚନ୍ଦନ ଚକଡା ନିକଟକୁ ଯିବା ଉପରେ ମଧ୍ୟ ରୋକ ଲଗାଯାଇଛି ।

୧୬ ଜିଲ୍ଲାରେ ଖୋଲିବ ଆରଟିପିସିଆର ଟେଷ୍ଟିଂ ସେଂଟର

୨୦ କୋଟି ଟଙ୍କା ମଂଜୁର କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୧/୦୫ (ନି.ପ୍ର): କରୋନାର ଦ୍ୱିତୀୟ ଲହରକୁ ଦୃଷ୍ଟିରେ ରଖି ରାଜ୍ୟରେ ଦୈନିକ ଟେଷ୍ଟିଂ ବଢାଇବାକୁ ଉଦ୍ୟମ ଆରମ୍ଭ କରିଛନ୍ତି ରାଜ୍ୟ ସରକାର । ଏଥିପାଇଁ ରାଜ୍ୟର ୧୬ ଜିଲ୍ଲାର ଜିଲ୍ଲାମୁଖ୍ୟାଳୟରେ ଆରଟିପିସିଆର ଟେଷ୍ଟିଂ ଲାବ୍ରୋଟୋରୀ ଖୋଲିବାକୁ ସରକାର ଯୋଜନା କରିଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଏଥିପାଇଁ କୋଡ଼ିଏ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ଏହି ଜିଲ୍ଲାଗୁଡିକ ମଧ୍ୟରେ ରହିଛି ଭଦ୍ରକ, ବୌଦ୍ଧ , ବରଗଡ,ଢେଙ୍କାନାଳ, ଗଜପତି, ଜଗତସିଂହପୁର, ଯାଜପୁର, କନ୍ଧମାଳ , କେନ୍ଦ୍ରାପଡା, ଖୋର୍ଦ୍ଧା, ମାଲକାନଗିରି, ନବରଙ୍ଗପୁର , ନୂଆପଡା , ସୁବର୍ଣ୍ଣପୁର.ରାୟଗଡାଓ

ସୁନ୍ଦରଗଡ । ରାୟଗଡା ଜିଲ୍ଲାରେ ଏହି ଲାବ୍ରୋଟୋରୀ ପାଇଁ ଓଏସଏମସିଏଲ୍ ମେସିନ୍ ଅର୍ଡର କରିସାରିଥିବା ବେଳେ ଅନ୍ୟାନ୍ୟ ଯନ୍ତ୍ରାଂଶ ଯୋଡାଯିବ ।ଏସମ୍ପର୍କରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ପ୍ରତ୍ୟେକ ସ୍ଥାନରେ ଆରଟିପିସିଆର ଲାବ୍ରୋଟୋରୀ ସହ ବାୟୋସେଫ୍ଟି କ୍ୟାବିନେଟ୍ ବ୍ୟବସ୍ଥା କରିବାପାଇଁ ପ୍ରାୟ ୧୨୦ ଲକ୍ଷ ବ୍ୟୟ କରାଯିବ । ପ୍ରତ୍ୟେକ ଲାବ୍ରୋଟାରୀ ରେ ଜଣେ ମାଇକ୍ରୋବାୟେଲୋଜିଷ୍ଟ ଓ ୩ ଜଣ ଲାବ୍ରୋଟୋରୀ ଟେକ୍ନିସିଆନ୍ ଙ୍କୁ ଆଉଟ୍ ସୋର୍ସିଂ ଜରିଆରେ ନିଯୁକ୍ତି ଦିଆଯିବ ।

୧୪ ଦିନ ପରେ ଦେଶରେ କମିଲା କରୋନା ସଂକ୍ରମଣ

୨୪ ଘଂଟାରେ ୧୮ ଲକ୍ଷ ୫୦ ହଜାର ୧୧୦ ନମୁନା ପରୀକ୍ଷା : ୩ଲକ୍ଷ ୨୯ ହଜାର ୯୪୨ପଜିଟିଭ

ନୂଆଦିଲ୍ଲୀ,୧୧/୦୫: ଦୁଇ ସପ୍ତାହ ପରେ ସାରାଦେଶରେ କମିଛି କରୋନା ସଂକ୍ରମଣ । ଗତ ୨୪ ଘଂଟା ଭିତରେ ଦେଶରେ ୩ ଲକ୍ଷ ୨୯ ହଜାର ୯୪୨ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ତେବେ ବଡକଥା ହେଉଛି ଗୋଟିଏ ଦିନରେ ମୋଟ୍ ୧୮ଲକ୍ଷ ୫୦ହଜାର ୧୧୦ଟି ନମୂନା ପରୀକ୍ଷା ହୋଇଥିଲା । ଅର୍ଥାତ ଗତ ୨୪ ଘଂଟାରେ ଟେଷ୍ଟ ପଜିଟିଭିଟି ରେଟ ୧୭.୮୩ ପ୍ରତିଶତ ରହିଛି । ଏପଟେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟର ସୂଚନା ଅନୁସାରେ ବର୍ତମାନ ସକ୍ରିୟ

ଆକ୍ରାନ୍ତଙ୍କ ସଂଖ୍ୟା ୩୭ ଲକ୍ଷ ୧୫ ହଜାର ୨୨୧କୁ ଖସିଆସିଛି । ଯାହା ଆଜି ପର୍ଯ୍ୟନ୍ତ ଦେଶରେ ଚିହ୍ନଟ ହୋଇଥିବା ମୋଟ୍ ସଂକ୍ରମଣର ୧୬.୧୬ ପ୍ରତିଶତ । ସେହିପରି ରିକଭରି ରେଟ୍ ଅର୍ଥାତ କରୋନାରୁ ସୁସ୍ଥ ହେଉଥିବା ବ୍ୟକ୍ତିଙ୍କ ହାର ୮୨.୭୫ ପ୍ରତିଶତକୁ ବୃଦ୍ଧି ପାଇଛି । ବର୍ତମାନ ଦେଶରେ କରୋନାରୁ ସୁସ୍ଥ ହୋଇଥିବା ବ୍ୟକ୍ତିଙ୍କ ସଂଖ୍ୟା ୧ କୋଟି ୯୦ ଲକ୍ଷ ୨୭ ହଜାର ୩୦୪ ରହିଛି । ବିଭିନ୍ନ ରାଜ୍ୟରେ ସଂକ୍ରମଣର ଚେନକୁ ଭାଙ୍ଗିବା ପାଇଁ ଲକଡାଉନ ଓ ସଟଡାଉନ ଭଳି କଠୋର ପଦକ୍ଷେପ ଗ୍ରହଣ କରାଯାଇଥିବାରୁ ଆଗକୁ ସଂକ୍ରମଣର ହାର କମିବା ସମ୍ଭାବନା ରହିଛି । ଏପଟେ ଦେଶରେ ମୋଟ୍ ୧୭ କୋଟି ୨୭ ଲକ୍ଷ ଡୋଜ୍ ଟିକା ଦିଆସିରିଛି । ଆଗକୁ ଟିକାକରଣ ଜୋରଦାର ହେଲେ ଏହାମଧ୍ୟ ସଂକ୍ରମଣ ରୋକିବା ଦିଗରେ ସହାୟକ ହୋଇପାରେ ।

କରୋନାରେ ଆଖିବୁଜିଲେ ମହିଳା ସାମ୍ବାଦିକା ସବନମ ସିରିନ

ଭୁବନେଶ୍ୱର,୧୧/୦୫(ନି.ପ୍ର): କରୋନାରେ ଶିକାର ହେଲେ ପୁଣି ଜଣେ ସାମ୍ବାଦିକ । ଆଉ ନାହାନ୍ତି ଜଣାଶୁଣା ସାମ୍ବାଦିକା ସବନମ ସିରିନ । କରୋନାରେ ଆଖିବୁଜିଲେ ସବନମ । ଗତକିଛି ଦିନ ତଳେ କରୋନାରେ ଆକ୍ରାନ୍ତ ହୋଇ ସଙ୍ଗରୋଧରେ ଥିଲେ । ମାତ୍ର ତାଙ୍କ ସ୍ୱାସ୍ଥ୍ୟବସ୍ଥା ବିଗିଡିବାରୁ ତାଙ୍କୁ ଏମ୍ସରେ ଭର୍ତ୍ତି କରାଯାଇଥିଲା । ଆଉ ଶେଷରେ ତାଙ୍କର ମୃତ୍ୟୁ ହୋଇଛି । ତେବେ ସବନମଙ୍କ ସ୍ୱାମୀ ମଧ୍ୟ କରୋନାରେ ଆକ୍ରାନ୍ତ ହୋଇ ଏମ୍ସରେ ଚିକିତ୍ସିତ ହେଉଛନ୍ତି । ତେବେ ସୋଆ ରେଡିଓରେ କାର୍ଯ୍ୟରତ ଥିଲେ ସବନମ ସିରିନ । ମୃତ୍ୟୁ ବେଳକୁ

ତାଙ୍କୁ ୩୮ ବର୍ଷ ହୋଇଥିବା ବେଳେ ସବନମ ମାଇକ୍ରୋ ବାଇଓଲୋଜିରେ ଏମଏସସି କରି ସାମ୍ବାଦିକତା ପଢିଥିଲେ । ଏବଂ ପରେ କନକ ନ୍ୟୁଜ, ଏସଟିଭି, ପର୍ଯ୍ୟବେକ୍ଷକ ▶▶ପୃଷ୍ଠା ୭

ପପୁ ଯାଦବଙ୍କ ଗିରଫଦାରୀକୁ ନେଇ ବିହାର ଏନଡିଏ ମେଣ୍ଟରେ ଫାଟ

ବିହାର,୧୧/୦୫: ବିହାରର ଲୋକପ୍ରିୟ ନେତା ପପୁ ଯାଦବଙ୍କ ଗିରଫଦାରୀକୁ ନେଇ ବିହାର ରାଜନୀତି ଏବେ ସରଗରମ ହେବାରେ ଲାଗିଛି । ପପୁଙ୍କ ଗିରଫ୍ କୁ ନେଇ ନୀତିଶ ସରକାରର ଦୁଇ ସହଯୋଗୀ ଦଳ ନେତାଙ୍କର ଅଲଗା ଅଲଗା ରାୟ ଆସୁଛି । ନୀତିଶ ସରକାରରେ ସହଯୋଗୀ ଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ଜୀତନରାମ ମାଂଝୀ ଓ ଅନ୍ୟ ସହଯୋଗୀ ମୁକେଲ ମଲ୍ଲାହା କହିଛନ୍ତି କି ପପୁ ଯାଦବ ଜଣେ ଜନପ୍ରତିନିଧି ଓ ସେ ବିହାରର

ଲୋକପ୍ରିୟ ନେତା । ଏଭଳି ବି ସେ କରୋନା ସମୟରେ ଲୋକଙ୍କ ପାଇଁ କାମ କରୁଥିଲେ । ଏଭଳି ଜଣେ ନେତାଙ୍କୁ ଗିରଫ୍ କରିବା ଅର୍ଥ ମାନବିକତାକୁ ବଳି ଦେବା । ଏହାସହ ମୁକେଶ ସଲ୍ଲାହା କହିଛନ୍ତି କି ପପୁଙ୍କୁ ଗିରଫ କରିବା ଅସମ୍ବେଦନଶୀଳ । କହିରଖୁ କି ବିହାରର ପୂର୍ବତନ ସାଂସଦ ତଥା ଜନ ଅଧିକାର ପାର୍ଟି(ଜା.ପ) ର ଅଧକ୍ଷ ରାଜେଶ ରଂଜନ ଓରଫ ପପୁ ଯାଦବଙ୍କୁ ମଙ୍ଗଳବାର ସକାଳେ ଗିରଫ କରାଯାଇଛି । ସେ ନିଜେ ଟ୍ୱିଟ ଯୋଗେ ତାଙ୍କ ଗିରଫଦାରୀର ସୂଚନା ଦେଇଥିଲେ । ସେ ଟ୍ୱିଟରେ ଲେଖିଥିଲେ କି, ତାଙ୍କୁ ଗିରଫ୍ କରାଯାଇ ପାଟନାର ଗାନ୍ଧୀ ମୈଦାନ ଥାନାକୁ ଅଣାଯାଇଛି । ସୂଚନା ମୁତାବକ ତାଙ୍କ ଉପରେ ସରକାରୀ କାମରେ ବାଧା ଦେବା ଓ ଲକଡାଉନ ନିୟମ ଉଲଙ୍ଘନ କରିବା ଭଳି ▶▶ପୃଷ୍ଠା ୭

୨୪ ଘଂଟାରେ ସାରା ରାଜ୍ୟରେ ବର୍ଷିବ, ୧୫ ଜିଲ୍ଲାକୁ ଅରେଂଜ ୱାର୍ଣ୍ଣିଂ

ଭୁବନେଶ୍ୱର,୧୧/୦୫ (ନି.ପ୍ର): ରାଜ୍ୟରେ ସକ୍ରିୟ ରହିଛି କାଳବୈଶାଖୀ । ଏହା ପ୍ରଭାବରେ ମଙ୍ଗଳବାର ଦିନ ରାଜଧାନୀ ଭୁବନେଶ୍ୱର , କଟକ ସମେତ ବାଲେଶ୍ୱର ,ଯାଜପୁର, ଢେଙ୍କାନାଳ, ପୁରୀ , ଜଗତସିଂହପୁର ଆଦି ବିଭିନ୍ନ ଜିଲ୍ଲାରେ ବର୍ଷା ସାଙ୍ଗକୁ ପ୍ରବଳ ବେଗରେ ପବନ ବହିବାର ଦେଖାଦେଇଛି । ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ରର

ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ସାରା ରାଜ୍ୟରେ ବଜ୍ରପାତ ସହ କାଳବୈଶାଖୀ ବର୍ଷା ଆଶଙ୍କା ରହିଛି ଏଥିସହ ପ୍ରବଳ ବେଗରେ ପବନ ମଧ୍ୟ ବହିପାରେ । ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ୧୫ ଟି ଜିଲ୍ଲାକୁ ଅରେଂଜ ୱାର୍ଣ୍ଣିଂ ଓ ୧୫ ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି । ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବା ଜିଲ୍ଲାଗୁଡ଼ିକ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି ,କନ୍ଧମାଳ ,ବୌଦ୍ଧ, ଢ଼େଙ୍କାନାଳ ଓ ▶▶ପୃଷ୍ଠା ୭

ଶେରଗଡ଼ ବ୍ଲକରେ ଦୁଇ କରୋନା ସନ୍ଦିଗ୍ଧଙ୍କ ମୃତ୍ୟୁ : ଜ୍ୱରରେ ପ୍ରାଣ ହରାଇଲେ ବୃଦ୍ଧା

ଗଞ୍ଜାମ, ୧୧/୫ (ନି.ପ୍ର): ଗଞ୍ଜାମ ଜିଲ୍ଲା ଶେରଗଡ଼ ବ୍ଲକରେ ଆଜି ପୁଣି ଦୁଇ ଜଣ କରୋନା ସନ୍ଦିଗ୍ଧଙ୍କ ମୃତ୍ୟୁ ଘଟିଛି । ମୃତକ ଦୁଇ ଜଣ ହେଲେ ପିତଳ ସନ୍ତୋଷପୁରର ଭିକା ମହାପାତ୍ର ଓ ପିତଳ ଅଂଚଳର ଟହଁର ଗ୍ରାମର ରଞ୍ଜନ ପାଢ଼ୀଙ୍କ ମୃତ୍ୟୁ ଘଟିଛି । ରଞ୍ଜନଙ୍କର ବାବନପୁର କୋଭିଡ୍ ହସ୍ପିଟାଲରେ ଆଜି ମଧ୍ୟାହ୍ନରେ ମୃତ୍ୟୁ ଘଟିଥିବା ବେଳେ ସକାଳେ ଭିକା ମହାପାତ୍ରଙ୍କ ଚିକିତ୍ସାଧିନ ଅବସ୍ଥାରେ ବ୍ରହ୍ମପୁର ଡ଼ାକ୍ତରଖାନାରେ ମୃତ୍ୟୁ ଘଟିଛି । ଅନ୍ୟ ଜଣେ ବୃଦ୍ଧା ତାଙ୍କ ଘରେ ଜ୍ୱରରେ ପ୍ରାଣ ହରାଇଛନ୍ତି । ଶେରଗଡ଼ ବ୍ଲକର ପିତଳ ଓ ଟହଁର ଅଂଚଳର ଗତ ସପ୍ତାହକ ମଧ୍ୟରେ ୧୦ ରୁ ଅଧିକ ସନ୍ଦିଗ୍ଧ କରୋନା ରୋଗୀଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି । ତଥାପି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି ଗ୍ରାମରେ କୌଣସି ପ୍ରକାର ପ୍ରତିରୋଧକ, ବିଶୋଧନ ଓ ପ୍ରତିକାର ବ୍ୟବସ୍ଥା ପାଇଁ ପଦକ୍ଷେପ ନିଆଯାଇଥିବା ଜଣାପଡିଛି । ଏବଂ ଘର ଘର ବୁଲି ରୋଗ ସଂକ୍ରମଣ ସମ୍ପର୍କରେ ତଥ୍ୟ ମଧ୍ୟ ସଂଗ୍ରହ କରାଯାଉନଥିବାରୁ ରୋଗ କ୍ରମଶଃ ବୃଦ୍ଧି ପାଇବାରେ ଲାଗିଥିବା ସୂଚନା ମିଳିଛି। ଗତ ମାସ ଶେଷ ସପ୍ତାହରେ ଗଞ୍ଜାମ ଜିଲ୍ଲାପାଳ ଶେରଗଡ଼ ବ୍ଲକକୁ ଆସି ପଚାଂୟତ ପ୍ରତିନିଧି ତଥା ସରପଟଂ, ସମିତି ସଭ୍ୟ, ଜିଲ୍ଲା ପରିଷଦ ସଭ୍ୟ ଏବଂ ନେତୃ ସ୍ଥାନୀୟ ବ୍ୟକ୍ତି ମାନଙ୍କ ବୈଠକ କରି କରୋନା ସଂକ୍ରମଣ ପ୍ରତିହତ ପାଇଁ ସମସ୍ତ ଦାୟୀତ୍ୱ ଗ୍ରହଣ କରିବାକୁ ଅନୁରୋଧ କରିଥିଲେ ।ତେବେ କୌଣସି ଗାଁ ଗହଳିରେ ଏହି ପ୍ରତିନିଧି ମାନଙ୍କ ଦେଖାମିଳୁନଥିବା ଜଣାପଡିଛି ।

ଶୁଣିଲାନି ବିଭାଗ: ମୃତ ଗାଈର ଶବ ସତ୍କାର କଲା ଆମେ ବିପଦରେ ସାଥି

କୋରେଇ, ୧୧/୫ (ନି.ପ୍ର): ରାଜପଥରେ ହେଉଥିବା ଦୁର୍ଘଟଣାରେ ମୃତ ପଶୁଙ୍କ ଶବ ଉଠାଇବାପାଇଁ ଏକ ସ୍ୱତନ୍ତ୍ର ଠିକା ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି । ବିଭିନ୍ନ ସମୟରେ ରାଜପଥରେ ପଶୁ ମାନଙ୍କର ମୃତ୍ୟୁ ହେଉଥିଲେ ବି ବିଭାଗ କର୍ଣ୍ଣପାତ କରୁନି । ଏଭଳି ଏକ ସ୍ଥିତି ଆଜି ମଧ୍ୟ ଦେଖିବାକୁ ମିଳିଥିଲା । ୨୦ ନମ୍ବର ଜାତୀୟ ରାଜପଥର ପାଣିକୋଇଲି ଓଭରବ୍ରିଜ ନିକଟରେ ଏକ ଗୋରୁର ମୃତ ଦେହ ପଡି ରହିଥିଲା । ତାକୁ ବିଭାଗ ପକ୍ଷରୁ ଉଠାନଯିବାରୁ ଆମେ ବିପଦରେ ସାଥି ସଦସ୍ୟ ମାନେ ସେଠାରେ ପହଂଚି ଶବ ଉଠାଇ ନେଇ ସତ୍କାର କରିଥିଲେ । ଫଳରେ ବିଭାଗୀୟ ଦାୟିତ୍ୱହୀନତା ପାଇଁ ସାଧାରଣରେ ଅସନ୍ତୋଷ ଦେଖାଦେଇଥିଲା । ଅନୁଷ୍ଠାନ ପକ୍ଷରୁ ତାରିଣୀ ପଟ୍ଟନାୟକ, ରବିନ୍ଦ୍ର ବେହେରା, ବାଦଲ ନାୟକ, ମାୟାଧର ସାହୁ, ଶୁଭ୍ରାଂଶୁ ନାୟକ, ବିକାଶ କୁମାର ପ୍ରଧାନ, ଦିଲ୍ଲୀପ କୁମାର ସ୍ୱାଇଁ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ ।

ଜୟପୁର ବାଳିକା ଉଚ୍ଚ ବିଦ୍ୟାଳୟର ରୂପରେଖ ବଦଳିବ: ବିଧାୟକ

ଜୟପୁର, ୧୧/୫ (ନି.ପ୍ର): ଜୟପୁର ସରକାରି ବାଳିକା ଉଚ୍ଚ ବିଦ୍ୟାଳୟର ରୂପରେଖ ବଦଳିବ ବୋଲି ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ଆଜି ଏକ ଭରଚ୍ୟୁଆଲ ଆନଲାଇନ ବୈଠକରେ ସୂଚନା ଦେଇଛନ୍ତି । ବୈଠକରେ ବିଧାୟକ ତାରା ପ୍ରସାଦ ବାହିନିପତି, ପୁରୁଣା ଛାତ୍ରୀ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ମଞ୍ଜୁବାଳା ମୁନି, ବିଇଓ ରାମଚନ୍ଦ୍ର ବିଷୋୟୀ, ସିଆରସିସି କମଳାକୃଷ୍ଣ ତ୍ରିପାଠି, ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, ବିଦ୍ୟାଳୟ ପରିଚାଳନା ଉନ୍ନୟନ କମିଟି ଭରଚ୍ୟୁଆଲ ଆନଲାଇନ ବୈଠକ ଉପସ୍ଥିତ ଥିଲେ । ଜୟପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟକୁ ବିଧାୟକ ବାହିନିପତି ପୋଷ୍ୟ ବିଦ୍ୟାଳୟ ଭାବେ ଗ୍ରହଣ କରି ବିକାଶ ପାଇଁ ଆଲୋଚନା କରିଛନ୍ତି । ବିଦ୍ୟାଳୟଟି ଅବହଳିତ ଅବସ୍ଥାରେ ପଡିଥିଲା । ଯାହାକୁ ଦେଖି ବିଧାୟକ ବିଦ୍ୟାଳୟର ବିକାଶ ପାଇଁ ରାସ୍ତା ଓ ଗୃହ ବିଭାଗର ବୈଷୟିକ ଟିମ୍ କୁ ବ୍ୟୟଅଟକଳ ପାଇଁ ନିର୍ଦ୍ଦେଶ ଦେଇଥିଲେ । ବର୍ତମାନ ବିଦ୍ୟାଳୟର ବିକାଶ ପାଇଁ ବ୍ୟୟଅଟକଳ ହୋଇଛି । ବିଦ୍ୟାଳୟ ବ୍ୟୟ ଅଟକଳ ହୋଇଛି । ବିଧାୟକ ପାଣ୍ଠି କାର୍ଯ୍ୟକାରିତା ହେବା ନେଇ ନିଷ୍ପତି ହୋଇଛି । ବିଦ୍ୟାଳୟର ବିକାଶ ହେଲେ ମଧ୍ୟ ପୁରଣା କୋଠାର ଐତିହ୍ୟ ଯେପରି ବଜାୟ ରହିବ ସେ ନେଇ ଗୁରୁତ୍ୱ ଦିଆଯାଇଥିଲା । ଆଗାମି ମାର୍ଚ୍ଚ ୨୦୨୨ ସୁଦ୍ଧା ବାଳିକା ବିଦ୍ୟାଳୟର ରୂପରେଖ ବଦଳିବ । ଦଶହରା ପୂର୍ବରୁ ସ୍ମାର୍ଟ କ୍ଲାସ ଆରମ୍ଭ ପାଇଁ ଚେଷ୍ଟା କରିବେ ବୋଲି ବିଧାୟକ ଦୃଢୋକ୍ତି ପ୍ରକାଶ କରିଛନ୍ତି । ବିଦ୍ୟାଳୟରେ ଅଡିଟୋରିୟମ, ପୁରୁଣା କୋଠା ମରାମତି, ନୂତନ କ୍ଲାସରୁମ ହେବ, ୨ ତାଲା କୋଠା ବିଶିଷ୍ଟ ବିଦ୍ୟାଳୟର ସୁରକ୍ଷା କରାଯିବା ସହ ସର୍ବାଙ୍ଗିନ ଉନ୍ନତି କରିବା ସହ ଛାତ୍ରୀ ମାନଙ୍କୁ ବିଦ୍ୟାଳୟ ମୁହାଁ କରିବା ନେଇ ବିଧାୟକ ବାହିନିପତିଙ୍କ ଉଦ୍ଦେଶ୍ୟ ରହିଥିବା ସୂଚନା ଦେଇଛନ୍ତି ।

ଲକ୍‌ଡାଉନ୍‌ରେ ବେଆଇନ ମଦ କାରବାର : ବିଭିନ୍ନ ସ୍ଥାନରେ ପୋଲିସ ଓ ଅବକାରୀ ବିଭାଗର ଚଢ଼ଉ

ଗଞ୍ଜାମ, ୧୧/୫ (ନି.ପ୍ର): ଚୋରା ମଦ ବ୍ୟବସାୟୀଙ୍କ ପାଇଁ ସୁଯୋଗ ଆଣି ଦେଇଛି ଲକ୍ ଡାଉନ୍ । ଗୋଟିଏ ପଟେ ସରକାର କରୋନା ସଂକ୍ରମଣ ଉପରେ ରୋକ୍ ଲଗାଇବା ପାଇଁ ଲକ୍ ଡାଉନ୍ ଜାରୀ କରିଥିବା ବେଳେ ଅନ୍ୟପଟେ ଏହାର ଫାଇଦା ନେଇ ଗାଁ ଗହଳି ଠାରୁ ଆରମ୍ଭ କରି ସହର ତଳି ପର୍ଯ୍ୟନ୍ତ ସବୁଠି ଚୋରା ମଦ କାରବାର ବଢି ଚାଲିଛି । ଖବର ପାଇ ପୋଲିସ ଦୁଇଟି ସ୍ଥାନରେ ଚଢ଼ଉ କରି ଦୁଇ ଜଣଙ୍କୁ ଗିରଫ କରିବା ସହ ବିପୁଳ ପରିମାଣର ମଦ ଜବତ କରିଛି । ବଡ଼ ବଜାର ଥାନା ଅନ୍ତର୍ଗତ ଲକ୍ଷ୍ମୀନୃସିଂହ ସାହି ସପ୍ତମ ଗଳିରେ ଥିବା ଏକ ଘରେ ବେଆଇନ ଭାବେ ମଦ ବିକ୍ରୀ ଚାଲିଥିବା ବେଳେ ପୋଲିସ ଟିମ୍ ସେଠାରେ ଚଢ଼ଉ କରିଥିଲା । ଯାଂଚ୍ ପରେ ସେଠାରୁ ବିଭିନ୍ନ ନାମୀ ଦାମୀ କମ୍ପାନୀର ୧୨ ଲିଟର ବିଦେଶୀ ମଦ ଜବତ ହୋଇଥିଲା । ଏ ସଂକ୍ରାନ୍ତରେ ବିକ୍ରମ କୁମାର ସାହୁ ନାମକ ଜଣେ ଯୁବକଙ୍କୁ କେସ୍ ନଂ ୯୨/୨୧ ରେ ଗିରଫ କରାଯାଇଛି । ସେହିପରି ସଦର ଥାନା ଅନ୍ତର୍ଗତ ବେଣ୍ଟାଳିଆ ଗ୍ରାମରେ ମଧ୍ୟ ପୋଲିସ ରବିନ୍ଦ୍ର ସାହୁ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୧୫ ଲିଟର ବିଦେଶୀ ମଦ ଜବତ କରିଛି । ଅବକାରୀ ଗୁଇନ୍ଦା ବିଭାଗ ଡ଼େପୁଟି କମିଶନରଙ୍କ ନିର୍ଦ୍ଦେଶ କ୍ରମେ ଏକ ଟିମ୍ ସୁକୁଣ୍ଡା ଅଂଚଳରେ ଚଢ଼ଉ କରି ୧୦୦ ଲିଟର ଦେଶି ରନ୍ଧାମଦ ଓ ୨୪ ଲିଟର ବିୟର୍ ଜବତ କରିଥିଲା । ଏହି ମାମଲାରେ ୪ ଜଣଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ମାନେ ହେଲେ ପାଣିଗ୍ରାହୀ ପେଣ୍ଠ ସାହିର ରିଙ୍କୁ ସାହୁ, ଗେଟ୍ ବଜାର ଅଂଚଳର ଗୁଡୁ ବେହେରା, ବାଲାଜୀ ପେଣ୍ଠ ସାହିର ସନ୍ତୋଷ ସେଠୀ ଓ ନେହୁରୁ ନଗରର ଅମୂଲ୍ୟ ନାୟକ । ଏହି ଚଢ଼ଉରେ ଅବକାରୀ ଗୁଇନ୍ଦା ବିଭାଗ ଇନ୍ସପେକ୍ଟର ଉଦୟ ଚନ୍ଦ୍ର ସାମନ୍ତ, ଏସଆଇ ବିଶ୍ୱଜିତ୍ ଦାଶ, ଏଏସଆଇ ସଞ୍ଜୟ କୁମାର କାଣ୍ଡି ଓ ଏଏସଆଇ ବ୍ରଜବିହାରୀ ନାୟକ ସାମିଲ୍ ଥିଲେ । ଅନୁରୂପ ଭାବେ ଇନ୍ଦ୍ରାକ୍ଷୀ ଅଂଚଳର ଏକ କିଆବୁଦାରେ ଚଢ଼ଉ କରାଯାଇ ସେଠାରୁ ମୋଟ୍ ୨୧୦୦ କେଜି ଗୁଡ଼ ମିଶ୍ରିତ ପୋଚ ଏବଂ ୧୫ ଲିଟର ଦେଶି ମଦ ଜବତ କରାଯିବା ସହ ଏହାକୁ ନଷ୍ଟ କରାଯାଇଛି । ସେହିପରି ମଦ ପ୍ରସ୍ତୁତି ସାମଗ୍ରୀ ମଧ୍ୟ ଜବତ ହୋଇଥିଲା । ଏଠାରେ ବେଆଇନ ମଦ ପ୍ରସ୍ତୁତ କରି ବିଭିନ୍ନ ସ୍ଥାନକୁ ଚାଲାଣ କରାଯାଉଥିଲା ବୋଲି ଜଣାପଡିଛି । ଏହି ଚଢ଼ଉରେ କନିସି ତହସିଲଦାରଙ୍କ ସମେତ ବ୍ରହ୍ମପୁର ସଦର ଅବକାରୀ ଇନ୍ସପେକ୍ଟର ରୋଷନ୍ ହାଂସଦା, ଇନ୍ସପେକ୍ଟର ମିହିର ସେଠୀ, ବାଳକୃଷ୍ଣ ପରିଡ଼ା, ଏସଆଇ ଶ୍ରୀଧର ମହାନ୍ତି ପ୍ରମୁଖ ସାମିଲ୍ ଥିଲେ।

ଭୋଜି ବନ୍ଦ କରାଗଲା : ଅଦ୍ୟାବଧି ମୋଟ୍ ୧୫, ୮୦୦ ଟଙ୍କା ଜରିମାନା ଆଦାୟ

ଗଞ୍ଜାମ, ୧୧/୫ (ନି.ପ୍ର): ଗଞ୍ଜାମ ଜିଲ୍ଲାରେ ଦ୍ରୁତ ଗତିରେ କରୋନା ସଂକ୍ରମିତ ଓ ମୃତକଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ପ୍ରଶାସନ ପକ୍ଷରୁ ସାମାଜିକ କାର୍ଯ୍ୟକ୍ରମ ଭୋଜିଭାତ ଓ ସଭା ସମିତି ଆୟୋଜନ ଉପରେ କଡ଼ା କଟକଣା ଜାରୀ ହୋଇଛି । ତଥାପି କିଛି ଅମାନିଆ, ବେପରୁଆ ଲୋକେ ଏବେ ପ୍ରଶାସନ ପାଇଁ ଚିନ୍ତାର କାରଣ ପାଲଟିଛନ୍ତି । ପୋଲସରା ଥାନା ଅଧିକାରୀ ଜିତେନ୍ଦ୍ର କୁମାର ମଲ୍ଲିକ ଓ ତହସିଲଦାର ଦିଲ୍ଲୀପ କୁମାର ନାୟକ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଭୋଜି ବନ୍ଦ କରିବା ସହ ଅମାନିଆଙ୍କ ଠାରୁ ଜରିମାନା ଆଦାୟ କରିଛନ୍ତି । ଏହି ମାମଲାରେ ଅଦ୍ୟାବଧି ମୋଟ୍ ୧୫, ୮୦୦ ଟଙ୍କା ଜରିମାନା ଆଦାୟ ହୋଇଛି । ଜେ. ଡ଼େଙ୍ଗାପଦର ଗ୍ରାମ ଗୁଡ଼ିନାଳ ସାହିରେ ରମେଶ ଚନ୍ଦ୍ର ସ୍ୱାଇଁଙ୍କ ବାହାଘର ଭୋଜି ବନ୍ଦ କରାଯିବା ସହ ତାଙ୍କ ଠାରୁ ଜରିମାନା ବାବାଦକୁ ୫୦୦୦ ଟଙ୍କା ଆଦାୟ କରାଯାଇଛି । ସେହିପରି ମନ୍ଦାର ଗ୍ରାମ ମନ୍ଦିର ସାହିରେ ଲକ୍ଷ୍ମୀଙ୍କ ମାଝିଙ୍କ ଦ୍ୱାରା ଆୟୋଜିତ ଭୋଜିରୁ ୨୦୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି । ଏହା ସହ କଳମ୍ବ ଓ ମନ୍ଦାର ଗ୍ରାମର ଅମାନିଆ ଦୋକାନୀ ମାନଙ୍କ ଠାରୁ ୫୦୦୦ ଟଙ୍କା ଜରିମାନା ଆଦାୟ ହୋଇଛି । ମନ୍ଦାର ଗ୍ରାମରେ କ୍ରିକେଟ୍ ଖେଳ ଚାଲିଥିବା ବେଳେ ପୋଲିସକୁ ଦେଖି ଯୁବକ ମାନେ ସେଠାରୁ ଦୌଡ଼ି ପଳାଇଥିଲେ । ସେଠାରେ କ୍ରୀଡ଼ା ସରଞ୍ଜାମ ଜବତ ହୋଇଥିବା ସୂଚନା ମିଳିଛି ।

କୋଲାର ଟିଏମସି ସେଂଟରରୁ ଚମ୍ପଟ ମାରିଛନ୍ତି ପ୍ରବାସୀମାନେ

ଜୟପୁର, ୧୧/୫ (ନି.ପ୍ର): ବୈପାରୀଗୁଡ଼ା ଥାନା ଅନ୍ତର୍ଗତ କୋଲାର ଟିଏମସି ସେଂଟରୁ ୫ ଜଣ ପ୍ରବାସୀ ଚମ୍ପଟ । ଏ ନେଇ ବେଅପାରୀ ଗୁଡ଼ା ଥାନା ଅଧିକାରୀ ରଘୁନାଥ ମାଝୀଙ୍କୁ ସ୍ଥାନୀୟ ସରପଂଚ ଓ ପିଇଓ ଏତଲା ଦେଇଛନ୍ତି । ଫେରାର ହୋଇଥିବା ପ୍ରବାସୀ ମଧ୍ୟରୁ କାଠପୋଡ଼ା ପଂଚାୟତର ବଡ଼ବେତ ଗ୍ରାମର ୨ ଜଣ ଏବେ ଅନ୍ୟ ଜଣେ ଦଣ୍ଡାବାଡ଼ି ପଂଚାୟତର ମାଙ୍ଗଡ଼ଡଙ୍ଗର ଗ୍ରାମର ବୋଲି ଜଣାପଡ଼ିଛି । ଏହି ଟିଏମସି ସେଂଟରରୁ ଗତ ସାତ ତାରିଖରେ ମୋଟ ଆଠ ଜଣ ପ୍ରବାସୀଙ୍କ ମଧ୍ୟରୁ ୨ ଜଣ ଚମ୍ପଟ ହୋଇଥିବା ବେଳେ ଗତ କାଳି ରାତି ୨ଟା ବେଳେ ପୁଣି ଆଉ ୩ ଚମ୍ପଟ ମାରିଛନ୍ତି । କୋଲାର ସରପଂଚ ପ୍ରଭୁ ନନ୍ଦ ମୁଦୁଲି ଏବଂ ପିଇଓ ତ୍ରିନାଥ ଖରା ସ୍ଥାନୀୟ ବିଡ଼ିଓ ଅଭିମନ୍ୟୁ କବି ଶତପଥିଙ୍କୁ ଏହି ଘଟଣା ବିଷୟରେ ସୂଚନା ଦେବା ପରେ ବ୍ଲକ୍ ପ୍ରଶାସନ ଥାନା ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି । ଫେରନ୍ତା ପ୍ରବାସୀଙ୍କ ସ୍ୱାସ୍ଥ୍ୟଅବସ୍ଥା ନଜର ରଖିବା ପାଇଁ ପ୍ରଥମେ ଟିଏମସି ସେଂଟରରେ କିଛି ଦିନ ପ୍ରବାସୀଙ୍କୁ ରଖିବା ନିୟମ ରହିଛି । ହେଲେ ଫେରନ୍ତା ପ୍ରବାସୀମାନେ ଟିଏମସିରୁ ଏହିପରି ବାରମ୍ବାର ଫୋରା ହେବା ଘଟଣାଟି ଏବେ ପ୍ରଶାସନର ଅବହେଳା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରୁଥିବା ବେଳେ ସେପଟେ ଅମାନିଆ ପ୍ରବାସୀଙ୍କ ଲାଗି ଜନସାଧାରଣଙ୍କ ଚିନ୍ତା ବଢ଼ିବାରେ ଲାଗିଛି ।

ମାର୍କଣ୍ଡପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ସ୍ୱାବ ସଂଗ୍ରହ

ଧର୍ମଶାଳା, ୧୧/୫ (ନି.ପ୍ର): ଭୟଙ୍କର ରୂପ ନେଉଛି କରୋନା । ରାଜ୍ୟରେ ଅଣାୟତ ହୋଇପଡିଛି କରୋନା ସଂକ୍ରମଣଙ୍କ ସଂଖ୍ୟା । ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ଅଂଚଳରେ ସ୍ୱାବ ସଂଗ୍ରହ ଚାଲିଛି । ଏହି ଅବସରରେ ମାର୍କଣ୍ଡପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ଆଜି ବରୀ ନିର୍ବାଚନ ମଣ୍ଡଳୀ ଯାଜପୁର ବ୍ଲକ ଝାଲପଡା ପଂଚାୟତସ୍ଥ ସାନବାଗସାହି ବିଦ୍ୟାଳୟରେ ଏକ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇ ସ୍ଥାନୀୟ ଅଂଚଳରୁ ୬୦ ଜଣ ବ୍ୟକ୍ତିଙ୍କର ସ୍ୱାବ ସଂଗ୍ରହ କରାଯାଇଥିଲା । ସେମାନଙ୍କ ମଧ୍ୟରୁ ୯ ଜଣଙ୍କର କରୋନା ପଜିଟିଭ ରିପୋର୍ଟ ଆସିଥିବା ଜଣାପଡିଛି । ଏହି କାର୍ଯ୍ୟକ୍ରମରେ ମାର୍କଣ୍ଡପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ. କିଶୋର ଚନ୍ଦ୍ର ପରିଡାଙ୍କ ତତ୍ତ୍ୱବଧାନରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର କର୍ମଚାରୀ ଯୋଗ ଦେଇ ସ୍ୱାର୍ଗ ସଂଗ୍ରହ କରିଥିଲେ । ଝାଲପଡା ସରପଂଚ ନିର୍ମଳ ସାମଲ ଉପସ୍ଥିତ ରହିଥିଲେ । ଏହି ବିଦ୍ୟାଳୟ ପରିସରରେ ଥିବା ବ୍ୟକ୍ତିମାନଙ୍କୁ ସାମାଜିକ ଦୂରତା ସହ ମାସ୍କ ପିନ୍ଧିବାକୁ ଅନୁରୋଧ କରାଯାଇଥିଲା ।

ଅମାନିଆ ମାନୁ ନାହାନ୍ତି କରୋନା କଟକଣା: କାର୍ଯ୍ୟାନୁଷ୍ଠାନ ନେଉଛି ବଡଚଣା ପୁଲିସ

ଧର୍ମଶାଳା, ୧୧/୫ (ନି.ପ୍ର): ମହାମାରୀ କରୋନା ଆକ୍ରାନ୍ତ ଦିନକୁ ଦିନ ବୃଦ୍ଧିପାଇବା ସହିତ ପରିସ୍ଥିତି ଅଣାୟତ ହୋଇଥିବା ବେଳେ ବଡଚଣାରେ କିଛି ଅମାନିଆଙ୍କୁ ପୁଲିସ ପ୍ରଶାସନ ପକ୍ଷରୁ ସାବାଡ କରାଯାଇଛି । ରାଜ୍ୟ ସରକାରଙ୍କ କରୋନା ନିୟମକୁ ବଡଚଣା ବ୍ଲକରେ ଅନେକ ଜନସାଧାରଣ ପାଳନ କରୁଥିବା ବେଳେ କେତେକ ଅମାନିଆ କୌଣସି କାରଣନଥାଇ ବଡଚଣାର ବିଭିନ୍ନ ସ୍ଥାନରେ ବାଇକ ଧରି ବୁଲାବୁଲି କରୁଥିବା ବେଳେ ପୁଲିସ ହାବୁଡରେ ପଡି ସାବାଡ ହୋଇଛନ୍ତି। ସେମାନଙ୍କ ଗାଡିକୁ ଅଟକାଇ ସେମାନଙ୍କ ଠାରୁ ଜରୀମାନା ଆଦାୟ କରିବା ସହିତ ବିନା ଜରୁରିକାମରେ ଘରୁ ନବାହାରିବାକୁ ବାରଣ କରାଯାଇଛି । ଆଜି ବଡଚଣା, ଧାନମଣ୍ଡଳ, ସିହା, ବନ୍ଦାଳ, ରାଧାଦେଇପୁର ପ୍ରମୁଖ ଅ ଳରେ ପୁଲିସ ପ୍ୟାଟ୍ରୋଲିଂ କରି କିଛି ଅମାନିଆ ବାଇକ ଚାଳକଙ୍କୁ ଅଟକାଇ ସେମାନଙ୍କ ଠାରୁ ଜରିମାନା ଆଦାୟ କରିବା ସହିତ ଲକଡାଉନ ସମୟରେ ବିନା କାରଣରେ ଘରୁ ନବାହାରିବାକୁ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଥାନାଧିକାରୀ ପ୍ରିୟବ୍ରତ ରାଉତ, ଜ୍ୟୋତିରଞ୍ଜନ ମହାପାତ୍ର, ବିଜୟ କୁମାର ତରାଇ, ପ୍ରମୋଦ କୁମାର କାକୁନଗୋ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ଭାବେ ବଡଚଣା ଅଂଚଳରେ କରୋନା ନିୟମକୁ ଶନିବାର ଓ ରବିବାର ଛଡା ଅନ୍ୟ ଦିନମାନଙ୍କରେ ସକାଳ ୬ରୁ୧୨ଟା ପର୍ଯ୍ୟନ୍ତ କେତେକ ଅତ୍ୟାବଶ୍ୟକ ଦୋକାନ ବଜାର ଖୋଲିବାକୁ ସରକାରଙ୍କ ପକ୍ଷରୁ ଅନୁମତି ଦିଆଯାଇଛି। ଔଷଧ ଦୋକାନ, ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ, ପରିବାର ସହିତ ଅନ୍ୟ କେତେକ ଅତ୍ୟାବଶ୍ୟକ ଦୋକାନ ଖୋଲିବାକୁ କୁହାଯାଇଥିବା ବେଳେ ଏଠାରେ ଅନେକ ଦୋକାନ ଲୁଚାଣିଆରେ ଖୋଲୁଥିବା ଅଭିଯୋଗ ହୋଇଛି। ଏପରିକି ବିନା କାରଣରେ ଅନେକ ବାଇକ, କାର ସହିତ କିଛି ସାଇକଲରେ ଅମାନିଆମାନେ ବଜାରରେ ବୁଲୁଥିବା ଦେଖିବାକୁ ମିଳୁଛି। ୬ ଘଂଟା ମଧ୍ୟରେ ବାଇକ ଓ ଚାରିଚକିଆ ଗୁଡିକ ଏପରିଭାବେ ବୁଲୁଛନ୍ତି ରାସ୍ତାରେ ଯିବାଆସିବା କଷ୍ଟକର ହୋଇପଡୁଛି। ଏମାନଙ୍କ ପ୍ରତି ପୁଲିସ ପ୍ରଶାସନ ଦୃଷ୍ଟିଦେବାକୁ ଦାବି ହେଉଛି।

ଚାରାରୋପଣରେ ବ୍ୟାପକ ଦୁର୍ନୀତି : ଭଞ୍ଜସେନା ପକ୍ଷରୁ ବିଭାଗୀୟ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

ବାରିପଦା, ୧୧/୫ (ନି.ପ୍ର): ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାରେ ବିଗତ ଦିନରୁ ଚାରାରୋପଣର ବିଭିନ୍ନ ଦୁର୍ନୀତି ଲୋକଲୋଚନକୁ ଆସିଛି । ମାତ୍ର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଯେ, ଗତ ୨୦୨୦ ଜାନୁଆରୀରୁ ୨୦୨୧ ଏପ୍ରିଲ ମଧ୍ୟରେ ଦେଶର ମହାମାରୀ କରୋନା ମହାମାରୀ ଜନସାଧାରଣଙ୍କ ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗି ଚୁରମାର କରିପକାଇଥିବା ସମୟରେ ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମଜିଏନଆରଇଜିଏସ)ରେ ମୟୂରଭଞ୍ଜ ଜିଲ୍ଲାରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ଭଞ୍ଜସେନା ପକ୍ଷରୁ ଅଭିଯୋଗ ହୋଇଛି । ଜିଲ୍ଲାରେ ଉଦ୍ୟାନ ବିଭାଗ ସହ ୪ଟି ଉପଖଣ୍ଡର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ବନ ବିଭାଗ, କୃଷି ବିଭାଗ ଓ ଜଳ ବିଭାଜିକା ପ୍ରକଳ୍ପ ଏବଂ ଜିଲ୍ଲାର ଅନ୍ୟାନ୍ୟ ଲାଇନ ବିଭାଗଗୁଡିକ ଦ୍ୱାରା ସମ୍ପାଦନ ହେଉଥିବା ଚାରାରୋପଣ କାର୍ଯ୍ୟରେ ଏହି ଦୁର୍ନୀତି ପରିଲକ୍ଷିତ ହୋଇଛି ବୋଲି ଭଞ୍ଜସେନା ପକ୍ଷରୁ ପ୍ରମାଣ ମୂଳକ ତଥ୍ୟ ଉପସ୍ଥାପନ ପୂର୍ବକ ସଙ୍ଗୀନ ଅଭିଯୋଗ ଆଣିଛି । ଏପରି ବ୍ୟାପକ ଦୁର୍ନୀତି କାର୍ଯ୍ୟ ଜିଲ୍ଲାର ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ଗୋଚରରେ ଚାଲୁ ରହିଛି । ଦୁର୍ନୀତିକୁ ସମ୍ପୂର୍ଣ୍ଣ ପ୍ରଶୟ ଦେଉ ନ ଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭିଯୋଗର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇ ଦୁର୍ନୀତିରେ ସମ୍ପୃକ୍ତ ସମସ

ଉଚ୍ଚମାନର ରାସ୍ତା

ବ୍ରିଟେନ୍ ଗବେଷକ ଦଳ ଗ୍ରେଫିନ୍ ତତ୍ତ୍ୱର ବ୍ୟବହାର କରି ଏକ ପଦାର୍ଥ ତିଆରି କରିଛନ୍ତି, ଯାହାକୁ ସଡ଼କ ତିଆରିରେ ବ୍ୟବହାର କରାଯିବ । ଗବେଷକଙ୍କ ମତରେ ଏଇ ପଦାର୍ଥ ବ୍ୟବହାର କରି ସଡ଼କ ତିଆରି କରାଗଲେ, ଅନ୍ତତଃ ୧୦୦ ବର୍ଷ ପର୍ଯ୍ୟନ୍ତ ସଡ଼କ ସୁରକ୍ଷିତ ରହିବ । ଆଜିର ସମୟରେ ଉଚ୍ଚମାନର ରାସ୍ତା ତିଆରି କରାଯିବା ସତ୍ତ୍ୱେ ଅଳ୍ପ କିଛି ବର୍ଷ ପରେ ସେଗୁଡ଼ିକ ଭାଙ୍ଗିଯାଇଥାଏ । ଖାଲଖମା ହେବା ସହ ବର୍ଷାଦିନରେ ପାଣି ଜମି ରହି ଗାଡ଼ି, ମଟର ଦୁର୍ଘଟଣା ମଧ୍ୟ ହୁଏ । ତେବେ ଏହି ଗ୍ରେଫିନ୍‌ଯୁକ୍ତ ତତ୍ତ୍ୱ ରାସ୍ତା ତିଆର ହେଲେ, ସେଥିନିମନ୍ତେ ୨୦ ଗୁଣ ଅଧିକ ଖର୍ଚ୍ଚ ହେବ ବୋଲି ବିଶେଷଜ୍ଞ ଦଳ ପ୍ରକାଶ କରିଛନ୍ତି । ମାତ୍ର ୧୦ ଦିନରେ ରାସ୍ତ ତିଆରି ହୋଇଯିବା ବେଳେ ରାସ୍ତା ଭାଙ୍ଗିବାର ଭୟ ମଧ୍ୟ ନାହିଁ । ପ୍ରତି ୩୦ ବର୍ଷରେ ଥରେ ରାସ୍ତାରେ ପୁନଃ ଗ୍ରେଫିନ୍ ତତ୍ତ୍ୱ ମିଶ୍ରଣ କରାଗଲେ, ରାସ୍ତା ଅଧିକ ଦୀର୍ଘସ୍ଥାୟୀ ହେବ ।

ପିନ୍ଧନ୍ତୁ ସ୍ମାର୍ଟ ଆଉଟଫିଟ୍

ମହିଳାମାନେ ଗୋଟିଏ ପୋଷାକକୁ ବାରମ୍ବାର ପିନ୍ଧିବାକୁ ସାଧାରଣତଃ ଭଲପାଆନ୍ତି ନାହିଁ । ଏହି କାରଣରୁ ଅନେକଥର ଆଉଟଫିଟ୍ କିଣିବା ପାଇଁ ବଜେଟ୍ ବାହାରେ ଖର୍ଚ୍ଚ ହୋଇଥାଏ । ଯଦି ସେହି ଗୋଟିଏ ପ୍ରକାର ଆଉଟ୍‌ଫିଟ୍‌ରେ ଆପଣ ଅଲଗା ଅଲଗା ଷ୍ଟାଇଲିଶ୍ ଲୁକ୍ ପାଇବେ ତା' ହେଲେ କେମିତି ହେବ ? ଗୋଟିଏ ପ୍ରକାର ଆଉଟ୍‌ଫିଟ୍‌ରେ ବି ସ୍ମାର୍ଟ ଲୁକ୍ କ୍ୟାରି କରିପାରିବେ । ସ୍ମାର୍ଟ ଆଉଟ୍‌ଫିଟ୍ କେମିତି ତିଆରି କରିବେ ଜାଣନ୍ତୁ କିଛି ଟିପ୍ସ ।

ନିଅନ୍ତୁ ବେଲ୍ଟର ସାହାରା :
ବେଲ୍ଟ ନା କେବଳ ଆପଣଙ୍କ ଲୁକ୍‌କୁ ସ୍ପାଇସ୍ ଆପ୍ ପରେ ବରଂ ଭିନ୍ନ ଲୁକ୍ କ୍ରିଏଟ୍ କରିବାରେ ବି ସାହାଯ୍ୟ କରିଥାଏ । ଯଦି ଆପଣ ସ୍ଲିମ୍ ଅଛନ୍ତି ଭିନ୍ନ ଷ୍ଟାଇଲରେ ବେଲ୍ଟ କ୍ୟାରି କରିପାରିବେ । ହ୍ୱାଇଟ୍ ସାର୍ଟ ଡ୍ରେସ୍ ସହିତ ଥିନ୍ କିମ୍ବା ବିଗ୍ ବେଲ୍ଟ ଟିମଅପ୍ କରନ୍ତୁ ।

ବଟମ୍ ୱିୟର :
ଅଲଗା ଅଲଗା ବଟମ୍ ୱିୟର ସାହାଯ୍ୟରେ ବି ପ୍ରତିଥର ନୂଆ ଲୁକ୍ କ୍ରିଏଟ୍ କରିପାରିବେ । ଯଦି ଆପଣ ହ୍ୱାଇଟ୍ ସର୍ଟ ଡ୍ରେସ୍ ପିନ୍ଧୁଛନ୍ତି ତା' ହେଲେ ଫିଟିଙ୍ଗ୍ ଲେଙ୍ଗିଙ୍ଗ୍, ଜିନ୍ସ କିମ୍ବା ସ୍କର୍ଟ ପିନ୍ଧିପାରିବେ । ଏହିଭଳି ପ୍ରକାରର ବଟମ୍ ୱିୟର୍ ଭିନ୍ନ ଲୁକ୍ ଦେଇଥାଏ ।

ପିନ୍ଧନ୍ତୁ ଜ୍ୟାକେଟ୍ :
ଜ୍ୟାକେଟ୍ ରେଗୁଲାର ଆଉଟଫିଟ୍‌କୁ ନୂଆ ଲୁକ୍ ଦେବାରେ ଯଥେଷ୍ଟ । ସାର୍ଟ ଡ୍ରେସ୍ କିମ୍ବା କୌଣସି ବି ଟପ୍ ସହିତ କଲରଫୁଲ ଜ୍ୟାକେଟ୍ କ୍ୟାରି କରନ୍ତୁ । ଦେଖିବେ ଜ୍ୟାକେଟ୍ ଆପଣଙ୍କୁ ଲୁକ୍ ପୁରା ବଦଳାଇ ଦେବ । ଚାହିଁଲେ ଜ୍ୟାକେଟ୍ ସ୍ଥାନରେ ସ୍ରଗ୍ କିମ୍ବା କେପ୍ ବି କ୍ୟାରି କରିପାରିବେ ।

ସ୍କାର୍ଫ ଆସିବ କାମରେ :
ଆପଣ ହୁଏତ ଜାଣିନଥିବେ କିନ୍ତୁ ସ୍କାର୍ଫ ସା ହାଯ୍ୟରେ ବି ଗୋଟିଏ ଆଉଟ୍‌ଫିଟ୍‌କୁ ଅଲଗା ଅଲଗା ଲୁକ୍ ଦିଆଯାଇପାରିବ । ଆଉଟ୍‌ଫିଟ୍ ସହିତ ସ୍କାର୍ଫକୁ ଅଲଗା ଅଲଗା ଷ୍ଟାଇଲରେ କ୍ୟାରି କରିପାରିବେ । କଲରଫୁଲ ସ୍କାର୍ଫକୁ ବେଲ୍ଟ ସହିତ ଟିମ୍‌ଅପ୍ କରି ପିନ୍ଧିପାରିବେ । ଦେଖିବାକୁ କ୍ଲାସି ଲାଗିଥାଏ ।

ଫୁଟ୍ ୱିୟର :
ଫୁଟ୍ ୱିୟର ଲୁକ୍‌କୁ ପୂରା କରିଥାଏ । ସେଥିପାଇଁ ଅଲଗା ଅଲଗା ଆଉଟ୍‌ଫିଟ୍ ସହିତ ଅଲଗା ଫୁଟ୍ ୱିୟର ପିନ୍ଧିବା ଆବଶ୍ୟକ । ଯେବେ କୌଣସି ଆଉଟଫିଟ୍ ସହିତ ହିଲ୍ ପିନ୍ଧାଯାଏ ଏହା ଫେମିନାଇନ୍ ଲୁକ୍ ଦିଏ । ସେମିତି କୌଣସି ଆଉଟ୍‌ଫିଟ୍ ସହିତ ସ୍ନିକର୍ସ କିମ୍ବା ଜୋତା ପିନ୍ଧିଲେ ଫଙ୍କି ଲୁକ୍ ଦେଇଥାଏ । ସେଥିପାଇଁ ପ୍ରତିଥର ଲୁକ୍ ବଦଳାଇବା ପାଇଁ ଆଉଟଫିଟ୍ ନୁହେଁ ଫୁଟ୍ ୱିୟର ଉପରେ ବି ଧ୍ୟାନ ରଖନ୍ତୁ ।

ବୟସ ଅନୁସାରେ ତ୍ୱଚାର ଯତ୍ନ

ସୌନ୍ଦର୍ଯ୍ୟ ବିଶେଷଜ୍ଞଙ୍କ ମତରେ ପରିବର୍ତ୍ତିତ ଜଳବାୟୁ ଅନୁସାରେ, ୨୦ ବର୍ଷ ବୟସ ପରଠାରୁ ଯୁବତୀମାନେ ନିଜ ତ୍ୱଚା ଯତ୍ନ ନେବା ଜରୁରୀ। ନିୟମିତ ମଏଶ୍ଚରାଇଜିଂ କ୍ଲିନଜିଂ ଏଇ ବୟସରୁ ଆରମ୍ଭ କରିନେବା ଭଲ କଲେଜ ପଢୁଆ ଯୁବତୀମାନେ ବାହାରକୁ ଯା-ଆସ କାରଣରୁ ସେମାନଙ୍କ ତ୍ୱଚା ଅଧିକ ସନ୍-ଟ୍ୟାନ୍ ହୋଇଥାଏ। ଏ ପ୍ରତି ଦୃଷ୍ଟି ନ ଦେଲେ ତ୍ୱଚା ଭାଙ୍ଗ ସମସ୍ୟା ଶୀଘ୍ର ଦେଖାଦେଉଥିବାର ବିଶେଷଜ୍ଞଙ୍କ ମତ। ଘରୋଇ ଉପଚାର ଯେପରି ବେସନ-ଦହି ପ୍ୟାକ୍, କଞ୍ଚା ଖିରରେ ତ୍ୱଚାକୁ ଭଲରେ ପୋଛିବା ଇତ୍ୟାଦି କରିବା ସନ୍-ଟ୍ୟାନ୍ ପ୍ରଭାବ କମ୍ କରେ। ୩୦ ବର୍ଷ ବୟସ ପରଠାରୁ ଘରେ ହେଉ କିମ୍ବା ପାର୍ଲରରେ ମାସକୁ ଥରୁଟିଏ ଫେସିଆଲ ଓ କ୍ଲିନଜିଂ କରାଇନେବା ଉଚିତ। ଏହା ସହ ଘରେ ରହିଲେ ମଧ୍ୟ ତ୍ୱଚାରେ ନିୟମିତ ସନ୍‌ସ୍କ୍ରିନ୍ ଲଗାଇବା ଆବଶ୍ୟକ। ଖାଦ୍ୟପେୟ ଉପରେ ଅଧିକ ଗୁରୁତ୍ୱ ଦିଅନ୍ତୁ; କାରଣ ଆପଣଙ୍କ ଶରୀରକୁ ଉତ୍ତମ ପୋଷକତତ୍ତ୍ୱ ମିଳିଲେ, ତାହାର ଚମକ ତ୍ୱଚାରେ ଦେଖାଯିବ। ନିୟମିତ



ସାଲାଡ୍ ଖାଆନ୍ତୁ, ଫୁଲକୋବି, ବନ୍ଧାକୋବି, ମଟର ବିନ୍ସ ଇତ୍ୟାଦିର ବ୍ୟଞ୍ଜନ ଖାଇବା ତ୍ୱଚା ଉପରେ ଉତ୍ତମ ପ୍ରଭାବ ପକାଇଥାଏ। ଏସବୁ ବାଦ୍ ଘରେ ପ୍ୟାକ୍ ତିଆରି କରି ଉଭୟ ତ୍ୱଚା ଓ କେଶର ଯତ୍ନ ନେବା ଆବଶ୍ୟକ। ୪୦ ବର୍ଷ ଉପର ମହିଳାମାନେ ବିଶେଷଜ୍ଞଙ୍କ ପରାମର୍ଶରେ ଭିଟାମିନ୍ କ୍ୟାପ୍‌ସୁଲ ଖାଇବା ଭଲ। ଆପଣଙ୍କ ଶରୀରକୁ କେଉଁ ଭିଟାମିନ୍‌ର ଆବଶ୍ୟକ, ତାହାର ନିଷ୍ପତ୍ତି ନିଜେ ନେବା ଅନୁଚିତ। ବଜାରରେ ମିଳୁଥିବା ବିଭିନ୍ନ ନାମୀ କମ୍ପାନୀର ରିଫାଇନ୍ଡ ତେଲ ପରିବର୍ତ୍ତେ ବରଂ ସୋରିଷ ତେଲ, ବାଦାମ ତେଲ ଇତ୍ୟାଦି ରାନ୍ଧିବା ପାଇଁ ଉପଯୋଗ କରିବା ଜରୁରୀ। ଏସବୁ ମଧ୍ୟ ଆମ ତ୍ୱଚାକୁ ପୋଷଣ ଯୋଗାଉଥିବାର ବିଶେଷଜ୍ଞଙ୍କ ମତ।

ଧାରୱାଡ ପେଡ଼ା

କର୍ଣ୍ଣାଟକର ଧାରୱାଡ଼ ସହରରେ ପ୍ରସ୍ତୁତ ହେଉଥିବାରୁ ଏହି ମିଠାକୁ ଧାରୱାଡ ପେଡ଼ା କୁହାଯାଏ । ମଥୁରା ପେଡ଼ାର ସ୍ୱାଦ ତୁଳନାରେ ଧାରୱାଡ଼ ଏହି ପେଡ଼ାର ପନିର ଏବଂ କ୍ଷୀର ସହିତ ପାରମ୍ପରିକ ଅଫହ୍ୱାଇଟ୍ ରଙ୍ଗର ମାଞ୍ଜା ବା ଖୁଆ ପେଡ଼ାକୁ ଚିନି ଗୁଣ୍ଡର ପ୍ରଲେପ ଦିଆଯାଇଥାଏ ଯାହାକୁ ଏହାରୁ ଅନ୍ୟ ପେଡ଼ା ତୁଳନାରେ ଭିନ୍ନ କରିଥାଏ । କର୍ଣ୍ଣାଟକ ସମେତ ଏହି ପେଡ଼ା ଅନ୍ୟ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକରେ ମଧ୍ୟ ବେଶ୍ ଲୋକପ୍ରିୟ । ପାରମ୍ପରିକ ପୂଜା, ପର୍ବ ଅବସରରେ କର୍ଣ୍ଣାଟକରେ ଏହି ପେଡ଼ା ତିଆରି ହେବା ନିଶ୍ଚିତ । କୁହାଯାଏ ଏହି ପେଡ଼ାର ଇତିହାସ ୧୭୫ ବର୍ଷ ପୁରୁଣା । ଏହି ପେଡ଼ା ଜିଆଇ ଟ୍ୟାଗ୍ ହାସଲ କରିସାରିଛି । କୁହାଯାଏ ଉତ୍ତରପ୍ରଦେଶର ଉନ୍ନାଓର ଏକ ଠାକୁର ପରିବାର ପ୍ରଥମେ କର୍ଣ୍ଣାଟକର ଧାରୱାଡ଼ ଯାଇ ଏହି ପେଡ଼ା ତିଆରି କରିଥିଲେ । ସେବେଠାରୁ ଏହି ପେଡ଼ା ଧାରୱାଡ଼ ପେଡ଼ା ନାଁରେ ପରିଚିତ ହେଲା । ତେବେ ଆସନ୍ତୁ ଜାଣିବା ଧାରୱାଡ଼ ପେଡ଼ାର ପ୍ରସ୍ତୁତି ବିଷୟରେ ।

ପ୍ରସ୍ତୁତି :
ଧାରୱାଡ଼ ପେଡ଼ା ପ୍ରସ୍ତୁତି କରିବା ପାଇଁ କ୍ଷୀର ୨ ଲିଟର, ଲେମ୍ବୁ ରସ ୨ ଟେବଲ୍ ଚାମଚ, ଘିଅ ୧ ଟେବଲ ଚାମଚ ଚିନି ୬ ଟେବଲ ଚାମଚ ୧/୪ ଗୁଜୁରାତି ଗୁଣ୍ଡ । ପ୍ରଥମେ ଏହି ପେଡ଼ା ପାଇଁ ପନିର ତିଆରି କରିବାକୁ ହେବ । ଏଥିପାଇଁ ତଳପଟ ମୋଟା ଥିବା ଏକ ପାତ୍ରରେ ୨ ଲିଟର କ୍ଷୀର ନେବେ । କ୍ଷୀର ଯେମିତି ପୋଡ଼ି ନଯାଏ କିମ୍ବା ସର ନ ପଡ଼େ ଧ୍ୟାନ ରଖିଥିବେ । କ୍ଷୀର ଫୁଟି ଆସିଲେ ସେଥିରେ ୨ ଟେବଲ ଚାମଚ ଲେମ୍ବୁ ରସ ଗୋଳାଇ ଦେବେ । ଲେମ୍ବୁ ରସ ବଦଳରେ ଦହି କିମ୍ବା ଭିନେଗାର ମଧ୍ୟ ପ୍ରୟୋଗ କରିପାରିବେ । ଆଞ୍ଚ ଧିମା କରି ଅଳ୍ପ ସମୟ ଘାଣ୍ଟିଦେଲେ ଛେଡ଼ା ଛିଣ୍ଡିଯିବ । ଛେନାକୁ ଭଲ କରି ଧୋଇ ସେଥିରୁ ପାଣିର ଚିପୁଡ଼ି ନେବେ । ଏହାଦ୍ୱାରା ଛେନାର ଖଟାପଣ ଚାଲିଯିବ । ଅତ୍ୟଧିକ ଚିପୁଡ଼ିବେ ନାହିଁ । ନହେଲେ ଛେନା ନରମ ରହିବ ନାହିଁ । ଏହା ପରେ ଏକ ବଡ଼ କରେଇ ଗରମ କରି ସେହି ଛେନାକୁ ଗୁଣ୍ଡ କରି ହାଲୁକା ଆଞ୍ଚରେ ଭାଜିବେ । ଛେନା ଭାଜୁଥିବା ସମୟରେ ସେଥିରେ ୧ ଟେବଲ ଚାମଚ ଘିଅ ମିଶାଇ ଦେବେ । ଦେଖିବେ ଧୀରେ ଧୀରେ ଏହାର ରଙ୍ଗ ଟିକେ ବାଦାମି ହୋଇଆସିବ । ଏହି ସମୟରେ ଏହା ମଧ୍ୟରେ ୬ ଟେବଲ ଚାମଚ ଚିନି ଓ ୧ ଟେବଲ ଚାମଚ କ୍ଷୀର ମିଶାଇ ଭଲ କରି ମିଶାଇବେ । ସେତେବେଳ ପର୍ଯ୍ୟନ୍ତ ଆଞ୍ଚ ହାଲୁକା କରି ଭାଜୁଥିବେ ଯେତେବେଳ ପର୍ଯ୍ୟନ୍ତ ଚିନି ସଂପୂର୍ଣ୍ଣ ମିଳିନଥିବ । ଚିନି ମିଶିଯାଇ ରଙ୍ଗ ବାଦାମୀ ହୋଇଆସିଲେ ଆଉ ୧ ଟେବଲ ଚାମଚ କ୍ଷୀର ମିଶାଇବେ । କ୍ଷୀର ସଂପୂର୍ଣ୍ଣ ଶୁଖିଗଲା ପର୍ଯ୍ୟନ୍ତ ହାଲୁକା ଆଞ୍ଚରେ ଭାଜୁଥିବେ । ଏହାପରେ ଆଞ୍ଚ ବନ୍ଦ କରି ଏହି ମିଶ୍ରଣକୁ ଥଣ୍ଡା ହେବାକୁ କିଛି ସମୟ ଛାଡ଼ିଦେବେ । ଏହାପରେ ବ୍ଲେଣ୍ଡରରେ ଏହି ମିଶ୍ରଣକୁ ଦେଇ ପାଉଡର୍ କରିଦେବେ । ଏହାପରେ କରେଇରେ ଏହି ପାଉଡରକୁ ଦେଇ ସେଥିରେ ଆଉ ୩ ଟେବଲ ଚାମଚ କ୍ଷୀର ମିଶାଇବେ । ଏଥର ଏଇ ମିଶ୍ରଣକୁ ସୁନେଲି ରଙ୍ଗ ହେବା ପର୍ଯ୍ୟନ୍ତ ଭାଜିବାକୁ ହେବ । ମିଶ୍ରଣ ଅଧିକ ଶୁଖି ନଯିବା ପାଇଁ ମଝିରେ ମଝିରେ ସାମାନ୍ୟ କ୍ଷୀର ମିଶାଇ ପାରିବେ । ଶେଷରେ ୧/୪ ଚାମଚ ଗୁଜୁରାତି ଗୁଣ୍ଡ ଏଥିରେ ଭଲ କରି ଗୋଳାଇଦେବେ । ଆଞ୍ଚ ବନ୍ଦ କରି ଟିକେ ଥଣ୍ଡା ହୋଇଆସିଲେ ନିଜ ମନ ପସନ୍ଦ ଆକାରରେ ଗଢ଼ି ଚିନି ଗୁଣ୍ଡ ପ୍ରଲେପ ଦେଇଦେବେ । ଏହି ପେଡ଼ା ରେଫ୍ରିଜିରେଟର୍‌ରେ ରଖିଲେ ୧୫ ଦିନରୁ ଅଧିକ ସମୟ ଭଲ ରହିପାରିବ ।

ମହାକାଶ ଯାତ୍ରା କାରଣରୁ ମସ୍ତିଷ୍କ ପ୍ରଭାବିତ !

ଦିନକୁଦିନ ବିଜ୍ଞାନ ଅଗ୍ରତି କରୁଛି, ଏଥିରେ ଦ୍ୱିମତ ନାହିଁ । ମହାକାଶରେ 'ସ୍ପେସ୍ ହୋମ୍' ନିର୍ମାଣ ହେବାକୁ ଯାଉଥିବାବେଳେ ଅନ୍ୟ ଏକ ଗବେଷଣାରୁ ପ୍ରମାଣିତ ହୋଇଛି ଯେ ମହାକାଶ ଯାତ୍ରା କରୁଥିବା ମହାକାଶଚାରୀଙ୍କ ମସ୍ତିଷ୍କ ମଧ୍ୟ ପ୍ରଭାବିତ ହୋଇଥାଏ । ମହାକାଶର ଗଭୀରତାରେ ବିକିରଣ କାରଣରୁ ମନୁଷ୍ୟ ଓ ପ୍ରାଣୀ ଉଭୟଙ୍କ ମସ୍ତିଷ୍କ ଉପରେ କୁପ୍ରଭାବ ପଡୁଥିବାର ଗବେଷଣାରୁ ଜଣାପଡିଛି । କଲରାଡୋ ଷ୍ଟେଟ୍ ବିଶ୍ୱବିଦ୍ୟାଳୟର ଗବେଷକ ୪ ମାସ ତଳେ ମୂଷାଙ୍କୁ ପ୍ରଥମେ ଏହି ଗବେଷଣାରେ ସାମିଲ କରିଥିଲେ । ଗବେଷକଙ୍କ କହିବାନୁସାରେ, ମୂଷାଙ୍କ ମହାକାଶକୁ ପ୍ରେରଣ କରାଯାଇନଥିବାବେଳେ ସେମାନଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ପରୀକ୍ଷାଗାର ତିଆରି କରାଯାଇଥିଲା । ଯାହା ଭିତରର ତାପମାତ୍ରା ଓ ବିକିରଣ ମହାକାଶ ପରି । ମୂଷାମାନେ କେଇ ସପ୍ତାହ ରହିବା ପରେ ହିଁ ସେମାନଙ୍କ ମସ୍ତିଷ୍କ ଉପରେ କୁପ୍ରଭାବ ପଡୁଥିବାର ସ୍ପଷ୍ଟ ହୋଇଥିଲା । ଗବେଷକ ମୁଖ୍ୟ ଲିଓନ୍‌ଙ୍କ ମତରେ ମହାକାଶଚାରୀମାନେ ମାସମାସ ଧରି ମହାକାଶରେ ରହୁଛନ୍ତି । ପୃଥିବୀପୃଷ୍ଠକୁ ଆସିବା ପରେ ସେମାନଙ୍କ ମାନସିକ ସ୍ଥିତି ମଧ୍ୟ ପ୍ରଭାବିତ ହେଉଥିବା । ଏ ବାବଦରେ ଅଧିକ ଗବେଷଣା ଜାଣି ରହିଛି ।

ସୁନାର ପର୍ବତ

ଉତ୍ତର ପ୍ରଦେଶର ସୋନଭଦ୍ର ଏକ ନକ୍ସଲପ୍ରବଣ ଜିଲ୍ଲା ଭାବେ ଜଣାଶୁଣା । ଏବେ ଆଉ ଏକ କାରଣ ପାଇଁ ଜିଲ୍ଲାଟି ସାରା ଦେଶରେ ଚର୍ଚ୍ଚା ପରିସରକୁ ଆସିଛି ଚର୍ଚ୍ଚା ପଛରେ ରହିଛି ଏହି ଜିଲ୍ଲାର ଦୁଇଟି ଅଞ୍ଚଳରୁ ଠାବ ହୋଇଥିବା ପର୍ଯ୍ୟାପ୍ତ ପରିମାଣର ସୁନା । ଭାରତୀୟ ଭୂତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥାର ଆକଳନ ଅନୁସାରେ ଏହି ଅଞ୍ଚଳରେ ପ୍ରାୟ ତିନି ହଜାର ଟନ୍ ଓଜନର ସୁନା ଗଚ୍ଛିତ ଅଛି । ସୋନପାହାଡି ନାମକ ଏକ ଛୋଟିଆ ପର୍ବତରେ ୨,୯୪୪ ଟନ୍ ଏବଂ ହାର୍ଡି ବ୍ଲକ୍‌ର ଗୋଟିଏ ସ୍ଥାନରେ ପ୍ରାୟ ୬୪୬ କିଲୋଗ୍ରାମ୍ ଓଜନର ସୁନା ପୋତି ହୋଇ ରହିଛି, ଯାହାର ଅନୁମାନିକ ମୂଲ୍ୟ ବାର ଲକ୍ଷ କୋଟି ଟଙ୍କା ହେବ । ଏବେ ଭାରତ ପାଖରେ ମୋଟ ୬୨୬ ଟନ୍ ଓଜନ ଏହା ଠାରୁ ପ୍ରାୟ ପାଞ୍ଚ

ଗୁଣ ଅଧିକ । କେବଳ ସୁନା ନୁହେଁ, ୟୁରାନିୟମ୍, ଲୌହ, ପଟାସ୍, ସିଲିମାନାଇଟ୍ ଭଳି ମୂଲ୍ୟବାନ୍ ଖଣିଜ ପଦାର୍ଥ ମଧ୍ୟ ଏହି ପର୍ବତରେ ଥିବାର ସନ୍ଧାନ କରାଯାଇଛି ।

ଖାଲି ପେଟରେ ଖାଆନ୍ତୁନି ଏହି ଖାଦ୍ୟ

ଆଜିକାଲି ବ୍ୟସ୍ତବହୁଳ ଜୀବନରେ ଖାଇବାକୁ କାହାପାଖରେ ବି ସମୟ ରହୁନି । ସକାଳ ସମୟରେ ଅଫିସ୍ ହେଉ କିମ୍ବା କୌଣସି କାମରେ ଯିବା ପାଇଁ ତରତର ହୋଇ ଆମେ କିଛି ବି ଖାଇ ଦେଇଥାଉ । ତେବେ ଆପଣଙ୍କର ଏହି ଖରାପ ଅଭ୍ୟାସ ସ୍ୱାସ୍ଥ୍ୟ ଉପରେ ଭାରି ପଡିପାରେ । ବିଶେଷଜ୍ଞମାନଙ୍କ ଅନୁଯାୟୀ କେତେକ ଖାଦ୍ୟ ଖାଲିପେଟରେ ଖାଇବା ଉଚିତ୍ ନୁହେଁ । ଆସନ୍ତୁ ଜାଣିବା ଏମିତି କେତେକ ଖାଦ୍ୟ ସମ୍ପର୍କରେ, ଯାହାକୁ ଖାଲି ପେଟରେ ଖାଇବା ଆଦୌ ଉଚିତ୍ ନୁହେଁ ।

ମସଲା ଯୁକ୍ତ ଖାଦ୍ୟ

ସକାଳୁ ଜଳଖିଆରେ କେବେବି ମସଲାଯୁକ୍ତ ତଥା ରାଗଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ । ଏହାଦ୍ୱାରା ଦିନସାରା ପେଟର ଅମ୍ଳ ସୃଷ୍ଟି ହୋଇଥାଏ । ଏହା ଅଲ୍‌ସର୍‌ର କାରଣ ମଧ୍ୟ ହୋଇପାରେ ।



ଖଟା ଫଳ

ଖାଲିପେଟରେ ଖଟା ଫଳ ଖାଇବା ଉଚିତ ନୁହେଁ । ଖାଲି ପେଟରେ କମଳା, ଲେମ୍ବୁ, ପିଜୁଳି ଭଳି ଖଟା ଫଳ ଖାଇବା ଉଚିତ ନୁହେଁ । ଏହାଦ୍ୱାରା ପେଟରେ ଅମ୍ଳ ସୃଷ୍ଟି ହୁଏ । ଏଥିରୁ ଆପଣଙ୍କୁ ଫାଇବର ନିଶ୍ଚିତ ଭାବେ ମିଳିବ । କିନ୍ତୁ ଆପଣଙ୍କ ହଜମ ଶକ୍ତି ହ୍ରାସ ପାଇବାର ସମ୍ଭାବନା ରହିଛି । ତେଣୁ ଏସବୁ ଖଟା ଫଳକୁ ଖାଲି ପେଟରେ ନଖାଇ ପରେ ଖାଆନ୍ତୁ ।



କଫି

ଖାଲି ପେଟରେ କଫି ପିଇବା ମଧ୍ୟ ସ୍ୱାସ୍ଥ୍ୟ ପ୍ରତି ସମସ୍ୟା ସୃଷ୍ଟି କରିପାରେ । ଏହାଯୋଗୁଁ ଏସିଡିଟି ହେବାର ସମ୍ଭାବନା ରହିଛି । ତେଣୁ ଖାଲି ପେଟରେ ଏହିସବୁ ଖାଦ୍ୟ ଠାରୁ ଦୂରେଇ ରୁହନ୍ତୁ ।

ମୃଦୁ ପାନୀୟ

ମୃଦୁ ପାନୀୟ ବିଶେଷ କରି ଥଣ୍ଡା ପାନୀୟ ଖାଲି ପେଟରେ ପିଅନ୍ତୁ ନାହିଁ । ଏଥିରେ ପ୍ରଚୁର ମାତ୍ରାରେ କାର୍ବୋନେଟ୍ ଏସିଡ୍ ରହିଛି । ଏହା ପେଟରେ ଥିବା ଏସିଡ୍ ସହିତ ମିଶ୍ରିତ ହୋଇ ସମସ୍ୟା ସୃଷ୍ଟି କରେ । ଏଥିସହିତ ଗ୍ୟାସ୍ ଏବଂ ବାନ୍ତି ହେବାର ସମ୍ଭାବନା ମଧ୍ୟ ରହିଛି । ଖାଲି ପେଟରେ କୋଲ୍ଡ କଫି, ବିୟର ପିଅନ୍ତୁ ନାହିଁ । ଏହାଦ୍ୱାରା ପେଟରେ ଥିବା ଖାଦ୍ୟ ହଜମ ହେବାରେ ସହାୟତା କରୁଥିବା ନଳୀକୁ କ୍ଷତି ପହଞ୍ଚିଥାଏ । ଖାଲି ପେଟରେ ଥଣ୍ଡା ପାନୀୟ ପିଇବା ଦ୍ୱାରା ହଜମ ଶକ୍ତି ହ୍ରାସ ପାଏ ।

କଫି, ସେଓ ଓ ଏନର୍ଜି

ଅଫିସରେ ହେଉ ଅବା ଘରେ ହେଉ ସମସ୍ତେ ରିଫ୍ରେସ୍‌ମେଣ୍ଟ ପାଇଁ କଫି ପିଇଥାନ୍ତି । କଫି ଟିକେ ପିଇଦେଲେ ହାଲ୍‌କା ଲାଗିବା ସହ କାମ କରିବାକୁ ଆଗ୍ରହ ହୋଇଥାଏ । ତେବେ ଅନେକ ଲୋକ ଜାଣିନାହାନ୍ତି, କଫିଠାରୁ ମଧ୍ୟ ଏନର୍ଜିଯୁକ୍ତ କିଛି ଜିନିଷ ଅଛି ଯାହା ଥକ୍କାପଣକୁ ଦୂର କରେ ଓ ଅଧିକ ଏନର୍ଜି ବି ପ୍ରଦାନ କରେ । ସେଓ ଖାଉଥିବା ଲୋକ ଯଦି କଫିକୁ ବର୍ଜନ କରିବେ, ସେମିତି କିଛି ଅସୁବିଧା ନାହିଁ । କାରଣ ସେଓରେ ଅନେକ ପରିମାଣରେ କାର୍ବୋହାଇଡ୍ରେଟ, ଭିଟାମିନ ସି, ଫାଇବର ଓ ଅନେକ ଖଣିଷଜ ପୋଷକ ଥାଏ । ଯାହା ଶରୀରକୁ ଅଧିକ ପରିମାଣରେ ଶକ୍ତି

ଯୋଗାଇବା ସହ ଥକ୍କାପଣ ବି ଦୂରକରେ । ଏଥିରେ ଚର୍ବି, କୋଲେଷ୍ଟୋରେଲ ଆଦି ନଥିବାରୁ ସ୍ୱାସ୍ଥ୍ୟପାଇଁ ମଧ୍ୟ ଖୁବ୍ ହିତକର ।

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର

୪

୧୨ ମଇ ୨୦୨୧, ବୁଧବାର

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

ବେଳୁହୁଁ ସାବଧାନ ହେବାର ଥିଲା....

କରୋନା ସଂକ୍ରମଣର ଦ୍ୱିତୀୟ ଲହର ଭୟଙ୍କର ରୂପ ନେଇ ଉଭା ହେବା ପରଠାରୁ ବିଶ୍ୱବାସୀ କଲବଲ ହୋଇସାରିଲେଣି । କାହାରିକୁ ଜଣାନାହିଁ, ଅଦୃଶ୍ୟ ଭୂତାଣୁ ପ୍ରକୋପରୁ କେବେ ତ୍ରାହି ମିଳିବ । ପ୍ରଥମ ଲହର ତୁଳନାରେ ଏଥର ଯେମିତି ମହାସଂକ୍ରମଣ ଚାଲିଛି ଏବଂ ହଜାର ହଜାର ସଂଖ୍ୟାରେ ଲୋକମାନଙ୍କର ଜୀବନ ଯାଉଛି, ଏହା ମାନବ ଇତିହାସରେ କେବଳ ଅଭୂତପୂର୍ବ ନୁହେଁ, ଅଭାବନୀୟ ମଧ୍ୟ । ଗତବର୍ଷ ସାରା ବିଶ୍ୱରେ ୨୧୩ ଦେଶରେ ଭୂତାଣୁ ସଂକ୍ରମଣ ଯୋଗୁଁ ପ୍ରାଣହାନୀ ହେଲା, କଳକାରଖାନା ବନ୍ଦ ହେବା ଫଳରେ ମାନବ ସମ୍ବଳ ଉପରେ ପଡ଼ିଥିଲା ଅବାଂଛିତ ଚାପ । ଲୋକମାନଙ୍କର ଜୀବନଧାରଣର ମାନ ପ୍ରଭାବିତ ହେଲା ଏବଂ ହଜାର ହଜାର ସଂଖ୍ୟାରେ କର୍ମଜୀବୀ ବେକାର ହୋଇ ବସିଲେ । ଏବେ ଦ୍ୱିତୀୟ ଲହର ଏମିତିରେ ଅଧିକରୁ ଅଧିକ ଲୋକଙ୍କର ଜୀବନ ଜୀବିକା ନେଲାଣି, ତାହା ସାଙ୍ଗକୁ ପୂର୍ବ ବର୍ଷର ଅଭିଜ୍ଞତା ଆଧାରରେ ଯେତିକି ଓ ଯେମିତି ସାବଧାନତା ଗ୍ରହଣ କରାଯିବା କଥା, ତାହା ନହେବାରୁ ସମଗ୍ର ଦେଶ ଓ ବିଶ୍ୱ ପାଇଁ କିଭଳି ମହଙ୍ଗା ମୂଲ୍ୟ ଦେବାକୁ ପଡୁଛି, ତାହା ବଢ଼ାଇ ଦେଇଛି ସମସ୍ତଙ୍କର ଚିନ୍ତା । ବେଳ ଥାଉଁ ଥାଉଁ ବନ୍ଧ ନବାନ୍ଧିଲେ ଯାହା ହେବା କଥା, ତାହା ସମସ୍ତଙ୍କୁ କାଳେ ଭୋଗିବାକୁ ପଡୁଛି । ଏହା ଖାଲି କରୋନା ନିୟନ୍ତ୍ରଣ କ୍ଷେତ୍ରରେ ନୁହେଁ, ସବୁଠି ପ୍ରଯୁଜ୍ୟ । ପ୍ରଥମ କରି ଚୀନ ଦେଶର ନିର୍ଦ୍ଦିଷ୍ଟ ପ୍ରଦେଶର କୌଣସି ଗବେଷଣାଗାରରୁ ଜୈବିକ ଭୂତାଣୁ ବାହାରି ତମାମ ବିଶ୍ୱକୁ ଗ୍ରାସ କରିଦେଲା ବୋଲି ସମସ୍ତେ ଜାଣନ୍ତି । ହେଲେ ଦ୍ୱିତୀୟ ଭାରିଆଣ୍ଟ ବ୍ରାଜିଲ ଓ ଇଂଲଣ୍ଡରୁ ବାହାରି କିଭଳି କାୟା ବିସ୍ତାର କରିଚାଲିଛି, ତାହା ସମସ୍ତେ ଦେଖୁଛନ୍ତି ଓ ଭୋଗୁଛନ୍ତି । ଯେହେତୁ ଆମ ଦେଶ ଭଳି କେତେକ ପ୍ରାନ୍ତରେ ଗବେଷକ ଓ ବୈଜ୍ଞାନିକମାନଙ୍କ ପରାମର୍ଶକୁ ଯଥୋଚିତ ଗୁରୁତ୍ୱ ଦେବାରେ ହେୟଜ୍ଞାନ କରାଯାଉଛି, ତାହାର କୁପରିଣତି ସମସ୍ତଙ୍କୁ ଭୋଗିବାକୁ ପଡୁଛି । ଏହା ଏମିତି ସେମିତି ସୂତରୁ ସୂଚିତ ହୋଇନାହିଁ, ଆନ୍ତର୍ଜାତିକ ପତ୍ରିକା 'ନେଚର' ଦ୍ୱାରା ପ୍ରକାଶିତ ରିପୋର୍ଟରେ ଏହା ଦର୍ଶାଯାଇଛି । କୁହାଯାଇଛି ଯେ, ଭୂତାଣୁ ସଂକ୍ରମଣ ନେଇ ବୈଜ୍ଞାନିକମାନେ ଦେଇଥିବା ଚେତାବନୀ ସୂଚକ ପରାମର୍ଶକୁ କୁଆଡ଼େ ଭାରତ ଓ ବ୍ରାଜିଲ ସରକାର ଗୁରୁତ୍ୱ ଦେଇନଥିଲେ । ସରକାରମାନେ ଯଦି ପରାମର୍ଶକୁ ଠିକ୍ ସମୟରେ ଗ୍ରହଣ କରି ପଦକ୍ଷେପ ନେଇଥାନ୍ତେ, ହୁଏତ ମହାସଂକ୍ରମଣକୁ ଟାଳି ଦିଆଯାଇପାରିଥାନ୍ତା । 'ନେଚର' ପତ୍ରିକାର କଥାକୁ ଯଦି ବିଶ୍ୱାସକୁ ନିଆଯାଏ, ତେବେ ବର୍ତ୍ତମାନର ଅଣାୟତ୍ତ ସ୍ଥିତି ସେହି ହେୟଜ୍ଞାନର କୁପରିଣତି । ପ୍ରତିଦିନ ଭୂତାଣୁ ସଂକ୍ରମଣ ସାଙ୍ଗକୁ ତୃତୀୟ ଲହର ପାଇଁ ପ୍ରସ୍ତୁତ ହୋଇ ରହିବାକୁ ପରାମର୍ଶ ଦିଆଗଲାଣି । ପ୍ରତିଷେଧକ ଟିକାର ବିକାଶ ଓ ପ୍ରୟୋଗ ଯଦିଓ କିଛିଟା ଆଶ୍ୱସ୍ତିକର ହୋଇଛି, ତାହାର ପରିଚାଳନାରେ ଯଥାସମ୍ଭବ ସହଯୋଗ ଜନସାଧାରଣ କରିପାରିଲେ ଅଧିକ ଶୃଙ୍ଖଳିତ ହୋଇପାରିବ ବୋଲି ଆଶା କରିହେବ । ବିକଳ ହୋଇ ଆଗ ଟିକା ନେଇଯିବା, ଟିକା ନେଇସାରିଥିବା ଲୋକ ବେପରୁଆ ଭାବେ ଚାଲବୁଲ କରିବା ବିପଦକୁ ବରଣ କରିବା ସହ ସମାନ । ପ୍ରଥମ ଲହରରେ ବୟସ୍କମାନଙ୍କୁ କରୋନା ଅଧିକ ଆକ୍ରାନ୍ତ କରୁଥିଲା, ଏବେ ଦ୍ୱିତୀୟ ଲହରରେ ଭେଣ୍ଟିଆମାନଙ୍କୁ ଶିକାର କରିଚାଲିଛି । ପିଲାମାନଙ୍କୁ ପରବର୍ତ୍ତୀ ପର୍ଯ୍ୟାୟରେ ସଂକ୍ରମଣର ଶିକାର କରିବ ବୋଲି ପ୍ରଚାର ଚାଲିଛି । ସେଥିରେ ସତ୍ୟତା ଥାଉ କି' ନଥାଉ, ଆବଶ୍ୟକ ସାବଧାନତା ପାଳନରେ ଖିଲାପ କଲେ, ଅଦୃଶ୍ୟ ଭୂତାଣୁ ମାଡ଼ିବସିବା ଥୟ । ଯେମିତି ଖାମଖିଆଲ ଅମାନିଆ ଭୂତାଣୁ ସଂକ୍ରମଣ ନେଇ ଆଚରଣ ଦେଖାଉଛନ୍ତି, ସେମିତି ସରକାରମାନେ ବୈଜ୍ଞାନିକମାନଙ୍କ ଚେତାବନୀକୁ ଠିକଣା ଭାବେ ଗ୍ରହଣ କରୁନଥିବାର ଦେଖାଯାଇଛି । ତାହା କୁମ୍ଭ ମେଳାରେ ହେଉ କି, ଲକ୍ଷ ଲକ୍ଷ ଲୋକଙ୍କ ସମାଗମରେ ଭୋଟ୍ ପ୍ରଚାରରେ ହେଉ ବାହାଦୁର୍ ଦେଖା ଭିତରେ ଲୁଚି ଲୁଚି ଭୂତାଣୁ ସାରା ଦେଶରେ କରାଳ କାୟାବିସ୍ତାର କରିଚାଲିଛି ବୋଲି ଅଭିଯୋଗ ହେବା କିଛି ଅସ୍ୱାଭାବିକ ଲାଗୁନାହିଁ । ଏବେତ ଲକ୍‌ଡାଉନ୍ ଓ ସଟ୍‌ଡାଉନ୍ ଭଳି କଟକଣା ଚାଲିଛି । ତାହା ଭିତରେ ସାମାଜିକ ଦୂରତା ଓ ମାସ୍କ ପରିଧାନ ଓ ହାତଧୁଆ ପାଇଁ ପୂର୍ବାପେକ୍ଷା ସତର୍କତା ଏଥର ବଢ଼ିଯାଇଥିବାରୁ ଆଶା କରିହେବ, ଅଧିକ ଭାବରେ ସରକାର ଓ ସାଧାରଣ ଜନତା ନିୟମ ଅନୁପାଳନ କଲେ, ଆମେ ଅଚିରେ ଅଦୃଶ୍ୟ ଶତ୍ରୁ ବିରୋଧରେ ଚାଲିଥିବା ଲଢ଼େଇରେ ଜିଣିପାରିବା । କାହାରି ପରାମର୍ଶ ନମାନି ଏକତରଫା ପରାମର୍ଶ ଅଭ୍ୟାସ ଯେତେ ପର୍ଯ୍ୟନ୍ତ ପରିହାର କରାନଯାଇଛି, ଆମକୁ ଦୁର୍ଭୋଗର ଶିକାର ହେବାକୁ ପଡ଼ିବ । ଅନ୍ୟମାନେ ବଶମ୍ବଦ ହୋଇ ପରାମର୍ଶ ନେଉଥିବେ ବୋଲି ବିଚାର କରାଯାଉଥିବା ପର୍ଯ୍ୟନ୍ତ ଏହି ଅବସ୍ଥାରେ ପରିବର୍ତ୍ତନ ସମ୍ଭବ ନୁହେଁ ।

ରାଜନନ୍ଦିନୀ...

ରାହାସ କୁମାର ବେହେରା

ସୁନା ପାଲିଙ୍କିରେ ରାଜନନ୍ଦିନୀ
ରୂପଟି ତାହାର କିସୁନ୍ଦର ଆହା ,
ବସିଛି ମଉନେ ହୋଇ ଗୁମାନୀ !

ସାରୁ ପତରିଆ କଅଁଳ ମନ
ଢଳଢଳ ନିତି ଧରୁନି ଘରଲୋ ,
ଅସମ୍ଭାଳ ଦେଖି ପୁନେଇଁ ଜହ୍ନ ।

ଫୁଲର ସହରେ ଲକ୍ଷେ ଭଅଁର
କାହାକୁ କରିବ ସତେ ନିଜରଯେ ,
ଉଡିଯାଆନ୍ତା ସବୁ କରିଣ ପର ।

ଅଦିନେ ମାଇଲା ଚଇତି ଖରା
ଅଲୋଡା ହେଲାଣି ରୂପ ପସରାଲୋ,
ଗୋରା ଦେହକି'ତା ଦିଶୁଛି କଳା ।

ଝୁମୁରୁ ଝୁମୁର ପାଦ ପାଉଁଜି
ସବୁ ସାଙ୍ଗସାଥି ଗଲେ ବାହାହୋଇ
ଝୁମୁରୀ ଚାହିଁଛି ଜଳକାହୋଇ ।

ଲକ୍ଷେ ଛାୟାଚିତ୍ର ଇନ୍ଦ୍ରଧନୁର
ସଜେଇ ଆଙ୍କିଛି ରୂପେ ରୂପବତୀ
ଦେଖିଦେଲେ ଫେରେ ନାହିଁ ନଜର ।

ଆଲୋ ମୋ ଫୁଲେଇ କଖାରୁ ଫୁଲ
ବାହାପାଞ୍ଜି ଥରେ ଖୋଲିଯାଉ ତୋର
ବୁଲୁଥିବ କେତେ ହୋଇଣ ଗେଲ ।

ରୋଷେଇ କରିବୁ ଶାଗ ବେସର
କୁନା କୁନି ଦୁହେଁ ହସିଦେଲେ ଥରେ
ଭୁଲିଯିବୁ ପରେ ପଡିଶା ଘର ।

ଚାରି ଚକୁଳିରେ ଆଠଟି ଚାଇଁ
ଭାଇନା ଆସିଲେ ଚା' କରିଦେବୁ
ଆମେ ଗଲେ ମୁହଁ ଦେବୁ ଆଡେଇ ।

+ବାଲ୍ୟମ୍ବା ,ଭାପୁର
ଢେଙ୍କାନାଳ : ୭୫୯୦୧୫
ମୋ:୯୪୩୮୧୧୪୩୬୮

ଏଥିପାଇଁ ଦାୟୀ କିଏ ?

ପ୍ରଦୀପ୍ତ ଆଚାର୍ଯ୍ୟ

ସେଦିନ ଥାଏ ରବିବାର । ସପ୍ତାହ ଯାକର କର୍ମକ୍ଲାନ୍ତ ଜୀବନରେ ଗୋଟିଏ ଦିନ ଅବସର । ସକାଳୁ ସକାଳୁ,ଚାହା କପ୍ ସାଙ୍ଗକୁ,ଖବର କାଗଜର ପଠନର ଭରପୁର ଆନନ୍ଦ ଉପଭୋଗ କରୁଥାଏ ରାଜେଶ୍ । ହଠାତ୍ କଲିଂ ବେଲ୍ ଶବ୍ଦରେ ରାଜେଶ୍ ବାହାରକୁ ଯାଇ ଦେଖେତ,ତା ଡାଡିଙ୍କ ବାଲ୍ୟବନ୍ଧୁ ନୀଳାମ୍ବର ଅଙ୍କଲ ବାହାରେ ଠିଆହୋଇଛନ୍ତି । ପ୍ରଣାମ ଜଣାଇ, ଭିତରକୁ ଡାକି ଡ୍ରଇଂ ରୁମରେ ବସାଇଲା ଓ ଚା ଜଳଖିଆର ବ୍ୟବସ୍ଥାକରି , ଅଙ୍କଲ୍ ଙ୍କ ପାଖରେ ବସି ପଚାରିଲା, କେମତି କଣ ଆଜି ମୋ କଥା ମନେ ପଡିଗଲା ଅଙ୍କଲ୍, ଗାଁରୁ କେବେ ଆସିଲେ? ନାଇଁରେ ରାଜୁ,ସୁଦୂର ଆମେରିକାରେ ନିଜ ଗାଁର ଲୋକଙ୍କ ମୁହଁରୁ ପଦିଏ ମାତୃଭାଷା କାନରେ ପଡିଗଲେ ଯେ କି ଆତ୍ମତୃପ୍ତି ଆସେ ତାହା ଅନୁଭବି ବିନା କେହି ବୁଝି ପାରିବେ ନାହିଁ । ଆଉ ତୋ ଡାଡି,ମୁଁ ଆସିବା ବେଳେ ବାରମ୍ବାର କହିଥିଲେ, ଆମ ରାଜୁକୁ ଟିକିଏ ଭେଟି ଆମ କଥା କହିବ।ମୁଁ ଜାଣିଛି ଅଙ୍କଲ,ଡାଡିଙ୍କର ସବୁବେଳେ ସମସ୍ତଙ୍କ ଆଗରେ ଅଭିଯୋଗ,ଆମେ ତାଙ୍କୁ ଅଣଦେଖା କରୁଛୁ । କିନ୍ତୁ ପ୍ରକୃତରେ,ମୁଁ ମୋ ଡାଡି ମମିଙ୍କୁ ବହୁତ ଭଲ ପାଏ । ମୁଁ ଆଜି ଯୋଉ ଯାଗାରେ ଅଛି, ଯାହା ହୋଇପାରିଛି ,କେବଳ ତାଙ୍କରି ପ୍ରଚେଷ୍ଟାରେ । ବାସ୍ତବ କ୍ଷେତ୍ରରେ ମୁଁ କାର୍ଯ୍ୟ ବ୍ୟସ୍ତତା ଭିତରେ,ଏତେ ଦୂରରୁ ଗାଁକୁ ଯାଇ ତାଙ୍କୁ ବାରମ୍ବାର ସାହଚର୍ଯ୍ୟ ପ୍ରଦାନ କରିପାରୁନାହିଁ କିମ୍ବା ଏଠାରେ ରଖିଲେ ମଧ୍ୟ, ତାଙ୍କ ପାଇଁ ସମୟ ଦେଇ ପାରୁନାହିଁ । ତାପରେ ମୁଁ ତାଙ୍କୁ ଆଣି ଏଠାରେ ରଖିଲେ ମଧ୍ୟ, ସେ ଆତ୍ମ ସନ୍ତୋଷ ଲାଭ କରିପାରୁ ନାହାନ୍ତି । ମୋର ଚାକର, ମାଳି ଡ୍ରାଇଭର ସମସ୍ତଙ୍କୁ ତାଙ୍କ ଦାୟିତ୍ୱ ତଥା ଆବଶ୍ୟକତା ପୁରଣ ନିମନ୍ତେ ସଜାଗ ରହିବା ପାଇଁ କହିଥିଲେ ମଧ୍ୟ, ମୁଁ ସମୟ ଦେଇ ପାରୁନାହିଁ । ଆପଣତ ଜାଣିଛନ୍ତି ଅଙ୍କଲ୍,ଏଠାରେ ଜୀବନର ଗତି କେତେ ଦ୍ରୁତ ଏବଂ ଯାନ୍ତ୍ରୀକ । ମଝିରେ ଡାଡି ଏଠିକି ଯାହାପାଇଁ ଆକର୍ଷିତ ହୋଇ ଚାଲି ଆସନ୍ତି,ସେ ହେଉଛି ତାଙ୍କ ନାତୀ । ସେ ସକାଳୁ ସ୍କୁଲକୁ ଯାଇ, ଫେରିବା ପରେ ମଧ୍ୟାହ୍ନ ଭୋଜନ ଏବଂ କିଛି ସମୟ ବିଶ୍ରାମ ପରେ ଦୁଇଦୁଇଟା ଟିଉସନ ଓ ହୋମଟ୍ୟାକ୍ସ । ତେଣୁ ତା ସାଙ୍ଗରେ ମିଶିବା ମଧ୍ୟ ସମ୍ଭବ ହୁଏନାହିଁ । ମୁଁ ଓ ମୋ ସ୍ତ୍ରୀ ମଧ୍ୟ କାର୍ଯ୍ୟ ବ୍ୟସ୍ତତା ଭିତରେ ତା ପାଇଁ ସମୟ ଦେଇ ପାରୁନାହିଁ । ତେଣୁ ଡାଡିଙ୍କର ଗ୍ରାମ୍ୟ ଭାଇଚାରାର ସ୍ମୃତି,ଗାଁରେ ଥିବା ଜମିବାଡିର ମୋହ ତଥା ସର୍ବୋପରି ଏଠାରେ ବନ୍ଦୀ ଜୀବନ ପରି ପ୍ରତୀୟମାନ ହେଉଥିବା ସମୟ ,ତାଙ୍କୁ ମାନସିକ ଶାନ୍ତି ପ୍ରଦାନ କରିପାରେନାହିଁ । ଆର୍ଥିକ ଦୃଷ୍ଟିରୁ ପ୍ରାଚୁର୍ଯ୍ୟତା ମଧ୍ୟରେ ଥିଲେ ବି, ସମୟ କ୍ଷେତ୍ରରେ ମୁଁ ଅତ୍ୟନ୍ତ ଦରିଦ୍ର।ଡାଡି ମମିଙ୍କୁ କେବଳ ସମୟ ଦେବା ବ୍ୟତୀତ ଅନ୍ୟ ସମସ୍ତ ଆବଶ୍ୟକତା ପୁରଣ କରିବାରେ ମୁଁ କେବେ କାର୍ପଣ୍ୟତା ପ୍ରକାଶ କରିନାହିଁ । କିନ୍ତୁ ସବୁଠାରୁ ବଡକଥା ଅଙ୍କଲ୍, ଡାଡିଙ୍କ ଦ୍ୱାରା ରୋପିତ ବୃକ୍ଷର ଫଳ ଯେ ସୁସ୍ୱାଦୁ ହେବନାହିଁ,ସେ ଏକଥା କଳ୍ପନା କରିନଥିଲେ । ସୁବର୍ଣ ପଞ୍ଜୁରୀରେ ସ୍ୱର୍ଣ ଶୁକପକ୍ଷୀ ଯେ କେବଳ ଦର୍ଶନ ସୁଖ ପ୍ରଦାନ କରିବ,ଏହା କେବେ ସୁମଧୁର ସ୍ୱରରେ ଗାନ କରି ପାରିବ ନାହିଁ, ଏହା ଥିଲା ତାଙ୍କ ଚିନ୍ତନର ବର୍ହିଭାଗରେ । ପିଲାଦିନୁ ସ୍ନେହ, ଶ୍ରଦ୍ଧା ଓ ନୈତିକ ଶିକ୍ଷାରୁ ବଂଚିତ କରି, ମୋତେ ଗୋଟିଏ ଅର୍ଥ ରୋଜଗାରର ମେସିନ କରିବାର ଇଚ୍ଛା ତାଙ୍କର ସାକାର କରିପାରିଛନ୍ତି । ଡାଡି ମମିଙ୍କର ସମୟାଭାବ ଯୋଗୁଁ, ପିଲାଦିନେ ଆୟା କୋଳର ଆନ୍ତରିକତା ବିହୀନ ଯତ୍ନ ଏବଂ କୈଶୋର ଅବସ୍ଥାରେ ଆବାସିକ ବିଦ୍ୟାଳୟରେ ଅଧ୍ୟୟନ,ମୋର ସ୍ନେହ,ଶ୍ରଦ୍ଧା,ଦୟା,ସମବେଦନା, ସହାନୁଭୂତି ରୁପକ ନିର୍ଝରିଣୀକୁ ପ୍ରାୟତଃ ଶୁଷ୍କ କରିଦେଇଛି । ପିଲାଦିନେ ସାଙ୍ଗସାଥୀ ମାନଙ୍କ ସହିତ ନମିଶିବା ପାଇଁ ଡାଡି ମମିଙ୍କର କଡାତାଗିଦା, ମୋତେ ସେମାନଙ୍କ ଦୃଷ୍ଟିରେ ଅସାମାଜିକ ଓ ସ୍ୱାର୍ଥପର କରିଦେଇଛି । ଖେଳକୁଦ,ମନୋରଞ୍ଜନ ତଥା ଭ୍ରମଣ ପରି କାର୍ଯ୍ୟରୁ ବଂଚିତ କରି ମୋତେ କେବଳ ପାଠପଢିବାକୁ ବାଧ୍ୟ କରି ମାନସିକ ନିର୍ଯ୍ୟାତନା ଦିଆଯାଉଥିଲା । କାହାପୁଅ ବଡ ଡାକ୍ତର,କାହାପୁଅ ବିଦେଶରେ ରହୁଛି, କାହାର କେତେ ବଡ ବଙ୍ଗଳା, କାହାର କେତେ ଦାମୀ ଗାଡି ଇତ୍ୟାଦି କଥା ମୋର କର୍ଣଗହ୍ୱରରେ ସର୍ବଦା ଗୁଞ୍ଜରଣ ସୃଷ୍ଟି କରିଛି । ଗାଁ ସାଥୀ ମାନଙ୍କର ବାପାବୋଉ ଡାକର ଆତ୍ମୀୟତା ଭିତରେ ମୋର ଯାନ୍ତ୍ରୀକ ଡାଡିମମି ଡାକର ତୁଳନା ମୋତେ ଭୀଷଣ ଭାବରେ ମର୍ମାହତ କରିଛି । ବିଦ୍ୟାଧ୍ୟୟନ ସମୟରେ ଅଭିଭାବକ ବୈଠକରେ ,ଅନ୍ୟ ସାଥୀମାନଙ୍କର ପିତାମାତାଙ୍କ ଉପସ୍ଥିତି ସତ୍ତ୍ୱେ ,ମୋର ଡାଡିମମିଙ୍କ ଅନୁପସ୍ଥିତି, ମୋତେ କେତେ ମାନସିକ ଆଘାତ ଦେଇଛି, ତାହା ଥିଲା ଡାଡିମମିଙ୍କ ଅନୁଭବର ଉର୍ଦ୍ଧ୍ୱରେ । ପରୀକ୍ଷାରେ ଯେତେ ଭଲ କରିଥିଲେ ମଧ୍ୟ, ପ୍ରଗତି ପତ୍ର ଦେଖାଇବା ବେଳେ ,ଡାଡିଙ୍କର ଭତ୍ସନା ମୋ ପାଇଁ ଥିଲା ଧାର୍ଯ୍ୟ । ଆଜିବି ମୋର ମନେପଡେ ସେଦିନର ଜେଜେ ବାପା ଓ ଜେଜେମାଙ୍କର ଲୋତକପ୍ଲାବିତ ଚକ୍ଷୁ ଏବଂ ଅସହାୟତା । ମୋତେ କୋଳରେ ଧରିବାର ଆଗ୍ରହ ଉହଣ୍ଡା ତାଙ୍କ ମରି ଯାଇଥିଲା ମମିଙ୍କର ବାରଣ ନିମନ୍ତେ । ଅତ୍ୟଧିକ ସ୍ନେହ କରି ତାକୁ ଅମଣିଷ କରିଦିଅନ୍ତୁ ନାହିଁ । ଅଙ୍କଲ୍,ମୁଁ କଣ ଆଜି ମଣିଷ ହୋଇନାହିଁ,ଅମଣିଷ ହୋଇଯାଇଛି । ଡାଡିଙ୍କୁ ପଚାରିବେ ମୁଁ କଣ ତାଙ୍କର ସ୍ୱପ୍ନକୁ ସାକାର କରିନାହିଁ? ମୋର ଡେଣାକୁ ଶକ୍ତ କରି ସିଏ,ମୋତେ ଉପରକୁ ଉଡିବାର କୌଶଳ ଶିକ୍ଷା ପ୍ରଦାନ କରିଛନ୍ତି । ମୁଁ କିନ୍ତୁ ଏତେ ବେଶୀ ଉପରକୁ ଉଡିଯାଇଛି ଯେ, ଆଉ ଇଚ୍ଛା କଲେବି ତଳକୁ ଆସିବାର ଉପାୟ ହରାଇ ବସିଛି । ଅନ୍ୟ ମାନଙ୍କ ଆଗରେ ମୋର କୃତୀତ୍ୱ ବଖାଣି ସେ ବେଶ୍ ଆମୋଦିତ ହୁଅନ୍ତି ବୋଲି,ମୁଁ ଅନୁଭବ ମଧ୍ୟ କରିଛି । କିନ୍ତୁ ଦୁଃଖର ସହିତ କହୁଛି ଅଙ୍କଲ୍,ଉଗ୍ର ଆଧୁନିକତାର ଅକ୍ଟୋପାସ୍ ପଞ୍ଜାରେ ମୁଁ ଆଜି ସମ୍ପୂର୍ଣ କବଳିତ, ଅତ୍ୟଧିକ ଅର୍ଥ ରୋଜଗାର କରିବାର ଦୁର୍ବାର ଲାଳସା,ମୋତେ ଅନ୍ଧ ଏବଂ ଶ୍ୱାସରୁଦ୍ଧ କରିଦେଇଛି । ମୋର ପୁଅ ମଧ୍ୟ ଆମ ପାଇଁ କଣ କରିବ, ତାହା ଆମେ ଜାଣି ମାନସିକ ପ୍ରସ୍ତୁତି ହୋଇସାରିଛୁ । ଏଠାକାର ପିତାମାତା ମାନେ, ବୟସ୍କ ପୁତ୍ର ମାନଙ୍କ ଉପରେ ନିର୍ଭରଶୀଳ ନହୋଇ, ଦେୟପୈଠ ଜରାନିବାସରେ ସ୍ୱତନ୍ତ୍ର ଯତ୍ନ ପାଇ ଆନନ୍ଦରେ ସମୟ ଅତିବାହିତ କରୁଛନ୍ତି । ମୁଁ ଡାଡିଙ୍କ ପାଖକୁ ତାଙ୍କର ସ୍ୱାଚ୍ଛନ୍ଦ ଚଳଣି ନିମନ୍ତେ ଆବଶ୍ୟକୀୟ ଅର୍ଥ ପଠାଉଛି ଓ ସହାୟତା ନିମନ୍ତେ ଗୋଟିଏ ଚାକର ଓ ରୋଷେୟା ନିଯୁକ୍ତି କରିଦେଇଛି । ମୁଁ ଆଉ ଅଧିକ କଣ କରିପାରିବି କୁହନ୍ତୁତ ଅଙ୍କଲ୍?

ଏଥିପାଇଁ କଣ ମୁଁ ଦାୟୀ,ନାଁ ମୋର ପିତାମାତା ଦାୟୀ,ନା ସାଂପ୍ରତିକ ସାମାଜିକ ଚଳଣି ଦାୟୀ? ଏଥିପାଇଁ ଦାୟୀ କିଏ?

+ଅବସରପ୍ରାପ୍ତ ପ୍ରଧାନଶିକ୍ଷକ,
ଈଶାଣୀ ବ୍ରହ୍ମପୁର,କଟକ ।
ମୋ-୬୩୭୧୫୯୩୨୨୦

ଗରୀବଙ୍କ ସଂଖ୍ୟା ବଢାଉଛି ମହାମାରୀ

ଗୋପାଳ ମହାପାତ୍ର

ଦେଶରେ ଏଯାବତ୍ ୨୦ କୋଟିରୁ ଅଧିକ ଲୋକ କରୋନା ଭାଇରସର ଶୀକାର ହୋଇସାରିଲେଣି ଏବଂ ୨ଲକ୍ଷ ୨୦ହଜାରରୁ ଅଧିକ ଲୋକଙ୍କର ମୃତ୍ୟୁ ହେଲାଣି । ପରିସ୍ଥିତି ଭୟାବହ ହେବାରେ ଲାଗିଛି । କରୋନା ପୂର୍ବର ତଥ୍ୟ ଅନୁସାରେ ଦେଶରେ ୨୭ କୋଟି ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ଥିଲେ । ଏବେର ମହାମାରୀ କାରଣରୁ ସେମାନଙ୍କ ଅବସ୍ଥା ଆହୁରି ଖରାପ ହେବାରେ ଲାଗିଛି । କରୋନା ମୃତକଙ୍କ ଅନ୍ତିମ ସଂସ୍କାର ଓ ଆମ୍ବୁଲାନ୍ସର ଖର୍ଚ୍ଚ ବଢିଚାଲିଛି । ଅନ୍ୟପକ୍ଷରେ ସରକାରୀ ଡାକ୍ତରଖାନାରେ ରୋଗୀଙ୍କ ପାଇଁ ଶଯ୍ୟାର ଅଭାବ ଓ ଘରୋଇ ଚିକିତ୍ସାଳୟରେ ଚିକିତ୍ସା ଖର୍ଚ୍ଚ ଲୋକଙ୍କୁ ଅଧିକ ଅସୁବିଧାରେ ପକାଉଛି । ଏସବୁରୁ ଅବସ୍ଥା ଯେ, କେତେ ଭୟଙ୍କର ତାହା ସ୍ପଷ୍ଟ ।

ଦେଶରେ ଏଯାବତ୍ ୨୦ କୋଟିରୁ ଅଧିକ ଲୋକ କରୋନା ଭାଇରସର ଶୀକାର ହୋଇସାରିଲେଣି ଏବଂ ୨ଲକ୍ଷ ୨୦ହଜାରରୁ ଅଧିକ ଲୋକଙ୍କର ମୃତ୍ୟୁ ହେଲାଣି । ପରିସ୍ଥିତି ଭୟାବହ ହେବାରେ ଲାଗିଛି । କରୋନା ପୂର୍ବର ତଥ୍ୟ ଅନୁସାରେ ଦେଶରେ ୨୭ କୋଟି ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ଥିଲେ । ଏବେର ମହାମାରୀ କାରଣରୁ ସେମାନଙ୍କ ଅବସ୍ଥା ଆହୁରି ଖରାପ ହେବାରେ ଲାଗିଛି । କରୋନା ମୃତକଙ୍କ ଅନ୍ତିମ ସଂସ୍କାର ଓ ଆମ୍ବୁଲାନ୍ସର ଖର୍ଚ୍ଚ ବଢିଚାଲିଛି । ଅନ୍ୟପକ୍ଷରେ ସରକାରୀ ଡାକ୍ତରଖାନାରେ ରୋଗୀଙ୍କ ପାଇଁ ଶଯ୍ୟାର ଅଭାବ ଓ ଘରୋଇ ଚିକିତ୍ସାଳୟରେ ଚିକିତ୍ସା ଖର୍ଚ୍ଚ ଲୋକଙ୍କୁ ଅଧିକ ଅସୁବିଧାରେ ପକାଉଛି । ଏସବୁରୁ ଅବସ୍ଥା ଯେ, କେତେ ଭୟଙ୍କର ତାହା ସ୍ପଷ୍ଟ । ବ୍ୟବସାୟ ଓ ଶିଳ୍ପ ସଂସ୍ଥା ବନ୍ଦ ହେବା କାରଣରୁ ବେରୋଜଗାରୀ ତଥା କମ୍ ବେତନ ପାଇବା ଭଳି ଘଟଣା ମଧ୍ୟବିତ୍ତ ତଥା ନିମ୍ନ ମଧ୍ୟବିତ୍ତଙ୍କୁ ଏବେ ଅବ୍ୟବସ୍ଥା ଭିତରକୁ ଠେଲି ଦେଇଛି । ଏହି କାରଣରୁ ଗରୀବଙ୍କ ସଂଖ୍ୟା ମଧ୍ୟ ବଢିବାରେ ଲାଗିଛି ବୋଲି ଏକ ସର୍ବେକ୍ଷଣରୁ ଜଣାପଡିଛି । ସମ୍ବେଦନଶୀଳ କଥା ହେଉଛି ଲୋକେ ଚିକିତ୍ସା ପାଇଁ ଅର୍ଥର ଅଭାବରୁ ଘରବାଡ଼ି, ଜମି ଏବଂ ଗହଣା ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି ଏବଂ ଦେଖୁ ଦେଖୁ ସମ୍ପନ୍ନ ପରିବାର ଗରୀବ ହୋଇଯାଉଛି ।

ସ୍ୱାସ୍ଥ୍ୟ ଗୁଣବତ୍ତା ଏବଂ ଉପଲବ୍ଧତାର ର୍ୟାଙ୍କିଙ୍ଗ୍‌ରେ ୧୮୦ଟି ଦେଶର ତାଲିକାରେ ଆମ ଦେଶର ସ୍ଥାନ ୧୪୫ରେ ରହିଛି । ଚିକିତ୍ସା ସେବା ପ୍ରସଙ୍ଗରେ ଆମ ଦେଶର ଅବସ୍ଥା ଶ୍ରୀଲଙ୍କା, ଭୁଟାନ ଏବଂ ବଙ୍ଗଳାଦେଶ ଠାରୁ ଖରାପ । ଏ ବାବଦରେ ଆର୍ଥିକ ସର୍ବେକ୍ଷଣରେ ସ୍ୱୀକାର କରାଯାଇଛି ଯେ, ଚିକିତ୍ସା ବାବଦରେ ଭାରତୀୟମାନଙ୍କୁ ଅଧିକ ଅର୍ଥ ବ୍ୟୟ କରିବାକୁ ପଡ଼େ । କାରଣ ହେଉଛି ଆମ ଦେଶରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ସରକାର

ଚିତ୍ରକୋଣ୍ଡାର ବଣ୍ଡାଘାଟି

ଦିଲ୍ଲୀପ ସାହୁ

ସଳପ ଗଛର ମଥାନ ଦେଇ ପଶ୍ଚିମ ଆକାଶରେ ଅଷ୍ଟମୀ ଚାନ୍ଦ ଡୁବିଡୁବି ଆସୁଥାଏ । ଚଳଚଞ୍ଚଳ ହୋଇଉଠୁଥାଏ ବଡେଇଗୁଡା ଗାଁ । ଗାଁ ଟି ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଖଇରପୁଟ ବ୍ଲକରେ ଅବସ୍ଥିତ । ପାହାଡ ପର୍ବତ ପରିବେଷ୍ଟିତ ଏହି ଛୋଟିଆ ଗାଁର ଅଧିବାସୀ ମାନେ ବଣ୍ଡା ସମ୍ପ୍ରଦାୟର ଜନଜାତି । ତେଣୁ ସେ ପାହାଡକୁ କୁହାଯାଏ ବଣ୍ଡାପାହାଡ ଓ ସେଠାକୁ ଆସିଥିବା ପାହାଡି ରାସ୍ତାର ନାଁ ବଣ୍ଡାଘାଟି । ସିନ୍ଦୁରା ନଫାଟୁଣୁ ଗାଁ ଲୋକେ ଶେଯ ଛାଡି କାମରେ ଲାଗିପଡିଥାନ୍ତି । ପାଣି ପାଇଁ ଗାଁ ମୁଣ୍ଡ ନଳକୂଅ ନିକଟରେ ଭିଡ ଜମାଇଥାନ୍ତି ବଣ୍ଡା କିଶୋରୀ ଓ ରମଣୀମାନେ । ସଳପ ସଙ୍ଗ୍ରହ ପାଇଁ ବ୍ୟସ୍ତ ହୋଇପଡୁଥାନ୍ତି ଗାଁର ଭେଣ୍ଡିଆ ସବୁ । ଶୁଖିଲା ଲାଉରେ ତିଆରି ପାତ୍ରଟିଏକୁ ଅଣ୍ଟାରେ ଖୋସି ସେମାନେ ଚଢୁଥାନ୍ତି ସଳପ ଗଛ ମାନଙ୍କରେ । ହାଟପାଳି ଥିଲାବୋଲି ଦଳଦଳହୋଇ ବଣ୍ଡା ରମଣୀମାନେ ଦ୍ରୁତ ପାଦରେ ଚାଲିଥାନ୍ତି ପାହାଡ ତଳେ ବସୁଥିବା ସାପ୍ତାହିକବଜାରକୁ । ଆଉ ଅନ୍ଧାରୁଆରୁ ଫଳ ସାଉଁଟିବାପାଇଁ ବଣକୁ ଯାଇଥିବା ଶିଶୁମାନେ ଘରକୁ ବାହୁଡୁଥାନ୍ତି । ବଡେଇଗୁଡା ଗାଁରେ ଆମ ପହିଲି ସକାଳର ଦୃଶ୍ୟ ଥିଲା ବେଶ୍ ମନୋରମ ।

ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ସେହି ବଣ୍ଡା ପାହାଡ ବଣ୍ଡାଘାଟି,ବଣ୍ଡା ଗାଁ ଗଣ୍ଡା ଓ ବଣ୍ଡା ଜନଜାତି ସମ୍ପର୍କରେ ଅନେକ କଥା ଶୁଣିଥିଲି । ଶୁଣିଥିଲି ସେମାନଙ୍କ ସରଳତା ସମ୍ପର୍କରେ ।

ସେମାନେ ଏ ଦେଶର ନାଗରିକ , ହେଲେ ନିଜ ଅଧିକାର ସମ୍ପର୍କରେ ସେମାନେ ଅଜ୍ଞ । ପ୍ରତି ସାବାଳକ ବଣ୍ଡା ଜଣେଜଣେ ଭୋଟର, କିନ୍ତୁ ସେମାନେ କାହାକୁ ଭୋଟ ଦିଅନ୍ତି ସେକଥା ତାଙ୍କୁ ଜଣା ନଥାଏ । ସରକାର ଗଢିବାରେ ସେମାନେ ଭୂମିକା ଗ୍ରହଣ କରନ୍ତି , ହେଲେ ସରକାର କିଏ ସେମାନେ ଜାଣି ନଥାନ୍ତି । ଆମ ରାଜ୍ୟରେ ବାଷଠୀ ସମ୍ପ୍ରଦାୟର ଜନଜାତି ବାସକରନ୍ତି । କିନ୍ତୁ ବଣ୍ଡାମାନେ ଅନ୍ୟମାନଙ୍କଠାରୁ ସମ୍ପୂର୍ଣ୍ଣ ଭିନ୍ନ । ତାଙ୍କର ଚଳଣି, ଘରଦ୍ୱାର ଓ ହାବଭାବ ବେଶ୍ ନିଆରା । ସେଥିପାଇଁ ସେମାନଙ୍କ ସମ୍ପର୍କରେ ଜାଣିବା ପାଇଁ ମୋର ଖୁବ୍ ଆଗ୍ରହ ହେଉଥାଏ । ସୌଭାଗ୍ୟକୁ ଭବାନୀପାଟଣାରେ କାମ କରିବା ସମୟରେ ସେଠାକାର ଜଣେ ଅଧ୍ୟାପକ ବନ୍ଧୁ ବଣ୍ଡାମାନଙ୍କ ଉପରେ ଗବେଷଣା କରୁଥିବା ଶୁଣିଲି । ତାଙ୍କ ସହିତ ଯୋଗାଯୋଗ କରି ବଣ୍ଡା ଘାଟିକୁ ଯିବା ପାଇଁ ବ୍ୟବସ୍ଥା କଲି । ବଣ୍ଡାଘାଟିକୁ ଗଲେ ରହିବାକୁ ପଡିବ । କିନ୍ତୁ ସେଠାରେ କିଛି ମିଳେନାହିଁ । ସାଥିରେ ଖାଇବାପାଇଁ ଡାଲି, ଚାଉଳ, ତେଲ, ଲୁଣ, ପନିପ ମିକ୍ସଚର ଓ ପିଇବା ପାଇଁ ବଡବଡ ବୋତଲଭର୍ତ୍ତି ପାଣି ନେଇଥିଲୁ । ସକାଳୁ ସକାଳୁ ଆମେ ଏକ ବୋଲେରୋରେ ଭବାନୀପାଟଣା ରୁ ଆମ ଯାତ୍ରା ଆରମ୍ଭ କଲୁ । ଛବିଶ ନମ୍ବର ଜାତୀୟ ରାଜପଥରେ ଆମେ କୁନାଗଡ, କୋକସରା, ଆମପାଣି ଘାଟି,ପାପଡାହାଣ୍ଡି ଓ ନବରଙ୍ଗପୁର ଦେଇ ପହଞ୍ଚିଲୁ କୋରାପୁଟ ଜିଲ୍ଲାର ଅନ୍ୟତମ ପ୍ରମୁଖ ସହର ଜୟପୁରରେ । ସେଠାରେ କିଛି ସମୟ ଅଟକିଲୁ । ସମସ୍ତେ ଗରମ ଚା କପେକପେ ପିଇଲୁ ଓ ପୁଣି ଆମର ଯାତ୍ରା ଆରମ୍ଭ କଲୁ ।ବାଟରେ ପଡିଲା ବଡ ଛକଟିଏ । ସେହିଠାରୁ ରାଜ୍ୟର ଅନ୍ୟତମ ପ୍ରାଚୀନ ଶୈବ କ୍ଷେତ୍ର ଗୁପ୍ତେଶ୍ୱରକୁ ରାସ୍ତା ଯାଇଛି । ଆମେ କିନ୍ତୁ ସିଧା ଚାଲିଲୁ । ସେହି ଛକ ପରେ ପଡିଲା ବୈପାରୀଗୁଡା ବଜାର । ସେତେବେଳକୁ ସମୟ ଦିନ ଦୁଇଟା ବାଜି ଯାଇଥାଏ । ତେଣୁ ସେଠାରେ ଆମେ ମଧ୍ୟାହ୍ନ ଭୋଜନ ସାରିଦେଲୁ । ବୈପାରୀଗୁଡାଠାରୁ କିଛି ବାଟ ଗଲାପରେ ଆରମ୍ଭ ହେଲା ଘାଟି ରାସ୍ତା । ଘାଟି ପାରି ହେବାପରେ ପଡିଲା ଆଉ ଏକ ବଡଛକ । ଛକର ନାଁ ଗୋବିନ୍ଦପାଲି । ସେଠାରୁ ସିଧା ଗଲେ ଶହୀଦ ଲକ୍ଷଣ ନାଏକଙ୍କ ଗାଁ ମାଥିଲି ଓ ତାପରେ ମାଲକାନଗିରି ସହର । ଆମେ କିନ୍ତୁ ସେହି ଛକରୁ ପୂର୍ବକୁ ଗଲୁ । ସେଠାରୁ ମାତ୍ର ଦଶ କିଲୋମିଟର ଦୂରରେ ଖଇରୀପୁଟ୍ ଯେଉଁଠୁ ଆରମ୍ଭ ବଣ୍ଡାଘାଟି । ଖଇରୀପୁଟ୍‌ରୁ ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସାଥିରେ ନେଲୁ ଯିଏକି ସେହି ବଣ୍ଡା ସମ୍ପ୍ରଦାୟର । ସେ କିନ୍ତୁ ଏବେ ତଳ ବଣ୍ଡା ହୋଇଯାଇଛନ୍ତି । ହଁ ଏଇଠି କହିରଖେ ବଣ୍ଡାମାନେ ଦୁଇ ଭାଗରେ ବିଭକ୍ତ । ଉପର ବଣ୍ଡା ଓ ତଳ ବଣ୍ଡା । ଯେଉଁମାନେ ଏବେବି ସଭ୍ୟତା ଠାରୁ ବହୁ ଦୂରରେ ଓ ପାହାଡ ଉପରେ ରହିଛନ୍ତି, ସେମାନେ ହେଲେ ଉପରବଣ୍ଡା ।



ଆଉ ଯେଉଁମାନେ ପାହାଡ ତଳକୁ ଆସି ସମାଜର ମୁଖ୍ୟ ସ୍ରୋତରେ ମିଶିଲେଣି ସେମାନେ ହେଲେ ତଳବଣ୍ଡା । ଶିକ୍ଷକ ମହାଶୟଙ୍କୁ ସାଥିରେ ନେଇ ଆମେ ଖଇରୀପୁଟ୍‌ଠାରୁ ବଣ୍ଡାଘାଟିରେ ଯାତ୍ରା ଆରମ୍ଭ କଲୁ । ପ୍ରାୟ ତେର କିଲୋମିଟରର ସେହି ଯାତ୍ରା ଥିଲା ଖୁବ୍ ରୋମାଞ୍ଚକର । ଘନ ବଣ ଜଙ୍ଗଲ ଭିତରେ ଅଙ୍କାବଙ୍କା ରାସ୍ତା । ତା ଭିତରେ ଗଲାବେଳେ ରାସ୍ତା ଦୁଇ ପାର୍ଶ୍ୱର ଦୃଶ୍ୟ ଯେତିକି ଆନନ୍ଦ ଦେଉଥିଲା , ଆମ ଗାଡିର ସର୍ପିଳ ଗତି ସେତିକି ଭୟ ସୃଷ୍ଟି କରୁଥିଲା ।

ଆମେ ସନ୍ଧ୍ୟା ପୂର୍ବରୁ ପହଞ୍ଚିଗଲୁ ମୁଦୁଲିପଡାରେ । ତାହା ଏକ ପଞ୍ଚାୟତ ମୁଖ୍ୟାଳୟ । ସେଠାରେ ଏକ ସରକାରୀ ଆବାସିକ ବିଦ୍ୟାଳୟ ଅଛି । ସେହି ବିଦ୍ୟାଳୟ ସମ୍ମୁଖରେ ଥିଲା ଛୋଟ ଦୋକାନଟିଏ । ସେହି ଦୋକାନୀକୁ ଆମେ ସାଥିରେ ନେଇଥିବା ଖାଦ୍ୟ ସାମଗ୍ରୀ ଦେଇଦେଲୁ ଓ ଆମ ରହିବା ପର୍ଯ୍ୟନ୍ତ ଆମକୁ ରାନ୍ଧିବାଢି ଦେବାପାଇଁ କଥା ହେଲୁ । ତାପରେ ଆମେ ପହଞ୍ଚିଲୁ ବଡେଇଗୁଡା ଗାଁରେ ।

ସୂର୍ଯ୍ୟ ଅସ୍ତ ହୋଇ ଆସୁଥାନ୍ତି । ଗାଁର ଝିଅମାନେ ଏକ ସରକାରୀ ଘରର ତିଆରି କାର୍ଯ୍ୟରେ ବ୍ୟସ୍ତ ଥାଆନ୍ତି । ଅଧ୍ୟାପକ ବନ୍ଧୁଙ୍କ ଠାରୁ ସେମାନେ ଆମ ଯାତ୍ରା ସମ୍ପର୍କରେ ସୂଚନା ପାଇଥିଲେ । ତେଣୁ ଆମେ ପହଞ୍ଚିବା କ୍ଷଣି କାମ ଛାଡି ଆମ ପାଖକୁ ଚାଲି ଆସିଲେ ଓ ଆମକୁ ସ୍ୱାଗତ କଲେ । ସେମାନଙ୍କ ପାଇଁ ଆମେ କିଛି ବିସ୍କୁଟ ଓ ଚକୋଲେଟ ନେଇଥିଲୁ । ସେମାନଙ୍କୁ ବଡେଇଦେବା ପରେ ସେମାନେ ଖୁବ୍ ଖୁସିହେଲେ । ସେହି ଝିଅମାନେ ଦଶ ପନ୍ଦର ମିନିଟ ଭିତରେ ତାଙ୍କ ଅଙ୍ଗନବାଡି ଘରଟିକୁ ଭଲ ଭାବରେ ପରିଷ୍କାର କରି ଆମ ରହିବା ପାଇଁ ବ୍ୟବସ୍ଥା କରିଦେଲେ ।

ନଳକୂଅ ପାଣିରେ ହାତ ମୁହଁ ଧୋଇ କିଛି ସମୟ ବିଶ୍ରାମ ନେଲୁ । ବଡେଇଗୁଡା ଗାଁକୁ ଘେରି ରହିଥିବା ପାହାଡ ସନ୍ଦିରୁ ଜହ୍ନ ଉଇଁ ଆସିଲା । ଘନ ଜଙ୍ଗଲ ଭିତରେ ଜ୍ୟୋତ୍ସ୍ନାବିଧୌତ ରଜନୀ । ଅପୂର୍ବ ସେହି ପରିବେଶ ମନରେ ଭରିଦେଲା ଅଫୁରନ୍ତ ଆନନ୍ଦ । ରାତି ଆଠଟା ବେଳେ ଆମେ ମୁଦୁଲିପଡା ଯାଇ ରାତ୍ରି ଭୋଜନ କଲୁ ଓ ଫେରିଆସି ଶୋଇବାକୁ ବାହାରିଲୁ । ଆମ ଗାଡି ଶବ୍ଦ ଶୁଣି ଗାଁର ଝିଅ ମାନେ ସେମାନଙ୍କ ମାଆ ମାନଙ୍କ ସହ ଆସି ଆମ ପାଖରେ ପହଞ୍ଚିଗଲେ ଆମ ଭଲମନ୍ଦ ବୁଝାଇବାକୁ । ଜନଜାତି ହେଲେ ମଧ୍ୟ ସେମାନଙ୍କ ଆତିଥ୍ୟକୁ ଧନ୍ୟବାଦ ନଦେଇ ମୁଁ ରହି ପାରିଲିନି । କିଛି ସମୟ କଥାହୋଇ ସେମାନେ ଚାଲିଗଲେ । ଆଉ ମୁଁ ଆମ ସହିତ ଯାଇଥିବା ଶିକ୍ଷକ ବନ୍ଧୁଙ୍କ ସହ ଆଲୋଚନାକରି ତାଙ୍କଠାରୁ ବଣ୍ଡାମାନଙ୍କ ସମ୍ପର୍କରେ ଅନେକ କଥା ଜାଣିବାକୁ ପାଇଲି ।

ବଣ୍ଡାମାନେ ଏକ ଆଦିମ ଜନଜାତି । ୨୦୧୧ ଜନଗଣନା ଅନୁସାରେ ସେମାନଙ୍କ ଜନସଂଖ୍ୟା ପ୍ରାୟ ୧୨,୦୦୦ । ଏମାନେ କେବଳ ମାଲକାନଗିରି ଜିଲ୍ଲାର ପାହାଡିଆ ଅଞ୍ଚଳରେ ବସବାସ କରିଥାନ୍ତି । ସେମାନଙ୍କର ନିଜସ୍ୱ ଭାଷା ରହିଛି । ନୃତତ୍ତ୍ୱବିତଙ୍କ ମତରେ ସେମାନେ ଅଷ୍ଟ୍ରୋଏସିଆଟିକ ଜନଜାତି ଗୋଷ୍ଠୀର ସଦସ୍ୟ । ବଣ୍ଡାମାନେ ରହୁଥିବା ପାହାଡ଼ଗୁଡ଼ିକୁ ବଣ୍ଡା ପାହାଡ଼ କୁହାଯାଏ ।

ସେହି ପାହାଡ ଉପରେ ବତିଶ ଗୋଟି ବଣ୍ଡା ଗାଁକୁ ନେଇ ରହିଛି ଦୁଇଟି ଗ୍ରାମପଞ୍ଚାୟତ । ମୁଦୁଲିପଡା ଓ ଅଣ୍ଡ୍ରାହିଲ୍ । ସେଠାରେ ବାସକରୁଥିବା ଉପର ବଣ୍ଡାମାନଙ୍କର ବାହ୍ୟ ଜଗତ ସହିତ ପ୍ରାୟ କୌଣସି ସମ୍ପର୍କ ନାହିଁ । ଅବଶ୍ୟ ଏବେ କିଛି ଉପରବଣ୍ଡା ପୁଅ ଝିଅ ତଳକୁ ଆସି ପାଠ ପଢିଲେଣି । ତେଣୁ ସେମାନଙ୍କ ପାଇଁ ବଣ୍ଡାଘାଟିରେ ସଭ୍ୟତା ପ୍ରବେଶ କରିବାକୁ ଆରମ୍ଭ କଲାଣି ।

ରାତି ପାହିଲା । ସୂର୍ଯ୍ୟ ଉଦୟ ହେବା ଆଗରୁ ମୋ ନିଦ ଭାଙ୍ଗିଗଲା । ବାହାରକୁ ଆସି ଚଳଚଞ୍ଚଳ ବଡେଇଗୁଡାର ଦୃଶ୍ୟ ଦେଖି ମନ ବିଭୋର ହୋଇଗଲା । ମୁହଁ ଧୋଇ ବାହାରିଲି ସେହି ଗାଁ ଓ ଗ୍ରାମ୍ୟ ପରିବେଶକୁ ଆଖି ପୂରେଇ ଦେଖିବା ପାଇଁ । ବଡେଇଗୁଡା ଗାଁ ବୁଲିବୁଲି ମୋର ଅନୁଭବ ହେଲା

ବଣ୍ଡା ଗାଁଗୁଡ଼ିକ ପାହାଡ଼ ଉପରେ କିମ୍ବା ପାହାଡ଼ର ଗଡାଣିଆ ଅଞ୍ଚଳରେ ଅବସ୍ଥିତ । ଅନ୍ୟ ଜନଜାତି ଲୋକଙ୍କ ଘରଗୁଡିକ ଗାଁ ରାସ୍ତାର ଉଭୟପାର୍ଶ୍ୱରେ ଧାଡି ହୋଇ ଥାଏ ।

କିନ୍ତୁ ବଣ୍ଡା ମାନଙ୍କ ଘରଗୁଡିକର କୌଣସି କ୍ରମ ନଥାଏ । ପାହାଡ ଉପରେ ସେଗୁଡ଼ିକ ଏଠି ସେଠି ରହିଥିବାର ଦେଖିବାକୁ ମିଳେ ।

ବଣ୍ଡା ଘରଗୁଡ଼ିକ ନୁଆଁଣିଆ । ପ୍ରତି ଘର ଗୋଟିଏ ଗୋଟିଏ ବଖରା ହେଲେ ମଧ୍ୟ ଘରଗୁଡିକ ଦୁଇଭାଗରେ ବିଭକ୍ତ । ଗୋଟିଏ ଭାଗରେ ରୋଷେଇ ହୁଏ ଓ ଅନ୍ୟଭାଗରେ ସେମାନେ ଶୁଆ ବସା କରନ୍ତି । ଘର ଆଗରେ ଘୁଷୁରୀ ଗୁହାଳ ଓ କୁକୁଡା ଭାଡି । ଗାଁ ବୁଲି ଆସିଲାବେଳକୁ ମୋ ବନ୍ଧୁମାନେ ଉଠି ସାରିଥାନ୍ତି । ଆମେ ନିତ୍ୟକର୍ମ ସାରିଦେଲୁ ଓ ବାହାରିଲୁ ପ୍ରାତଃ ଭୋଜନ ପାଇଁ । ମୁଦୁଲିପଡାର ସେହି ଦୋକାନ ପାଖରେ ପହଞ୍ଚିଲୁ । ଦୋକାନୀଟି ଗରମ ଗରମ ଉପମା ଓ ମଟର ତରକାରୀ ପରଷି ଦେଲା । ଖାଇସାରି ପୁଣି ଫେରିଲୁ ବଡେଇଗୁଡା ।

ବଡେଇଗୁଡା ଗାଁ ଆରମ୍ଭରେ ଥିଲା ଛୋଟିଆ ପ୍ରାକୃତିକ ଜଳକୁଣ୍ଡଟିଏ । ଯାହାକୁ ବଣ୍ଡାମାନେ ସୀତାକୁଣ୍ଡବୋଲି କୁହନ୍ତି । ସେହି ସୀତାକୁଣ୍ଡକୁ ନେଇ ଏକ ସୁନ୍ଦର ଲୋକକଥା ଅଛି । ଯାହାକି ବଣ୍ଡା ମାନଙ୍କ ସାମାଜିକ ଜୀବନକୁ ବେଶ୍ ପ୍ରଭାବିତ କରିଥାଏ । ଆମ ଶିକ୍ଷକ ବନ୍ଧୁ ସେହି ଲୋକକଥା ବଖାଣିବା ଆରମ୍ଭ କଲେ । ତ୍ରେତୟାଯୁଗରେ ରାମଚନ୍ଦ୍ର ବନବାସ ସମୟରେ ଭାଇ ଲକ୍ଷଣ ଓ ପତ୍ନୀ ସୀତାଙ୍କ ସହ ବଣ୍ଡା ପାହାଡ ରେ କିଛି ଦିନ କଟାଇଥିଲେ । ସେତେବେଳେ ସୀତାଙ୍କ ତୃଷା ମଣ୍ଟାଇବା ପାଇଁ ଲକ୍ଷଣ ଶର ମୁନରେ ସେହି ଛୋଟ ଜଳାଶୟ ଟି ଖନନ କରିଥିଲେ । ତେଣୁ ତାହା ସୀତାକୁଣ୍ଡ ଭାବରେ ଖ୍ୟାତ । ଏକଦା ମାଆ ସୀତା ସେଠାରେ ସ୍ନାନ କରିବା ସମୟରେ ବଣ୍ଡା ରମଣୀମାନେ ତାଙ୍କ ଅର୍ଦ୍ଧନଗ୍ନ ଶରୀରକୁ ଦେଖି ହସିଥିଲେ । ମାଆ ଲାଜେଇ ଯାଇଥିଲେ ଓ ନିଜ ବସ୍ତ୍ରକୁ ସଜାଡି ନେଇ ସେହି ରମଣୀ ମାନଙ୍କୁ ଅଭିଶାପ ଦେଇଥିଲେ ଯେ ସାରା ଜୀବନ ସେମାନେ ଲଣ୍ଡାହୋଇ ସ୍ୱଳ୍ପ ବସ୍ତ୍ର ପରିଧାନ କରି କାଳାତିପାତ କରିବେ । ସେହି ଲୋକକଥା ଅନୁସାରେ ବଣ୍ଡା ପାହାଡର ରମଣୀମାନେ ସବୁବେଳେ ଲଣ୍ଡା ହେଉଥିଲେ ଓ ଲଜ୍ୟା ନିବାରଣପାଇଁ ଶରୀରର ନିମ୍ନ ଭାଗକୁ ସ୍ୱଳ୍ପ ବସ୍ତ୍ର ଦ୍ୱାରା ଆବୃତ କରୁଥିଲେ । ଅନ୍ୟ ପକ୍ଷରେ ଶରୀରର ଉପରିଭାଗକୁ ମାଳି ଓ ଖଗଲା ନାମକ ଚକ ଆକୃତିର ଗହଣା ଦ୍ୱାରା ଘୋଡାଇ ରଖୁଥିଲେ ।

ଏବେ ସଭ୍ୟତାର ଅନୁପ୍ରବେଶ ଫଳରେ ବଣ୍ଡା ରମଣୀ ମାନଙ୍କ ବେଶଭୂଷାରେ ପରିବର୍ତ୍ତନ ଆସିଲାଣି । ସେଠାରେ ଏବେ ତିନି ପ୍ରକାରର ବେଶଭୂଷା ଦେଖିବାକୁ ମିଳୁଛି । ବୟସ୍କା ରମଣୀମାନେ ପାରମ୍ପରିକ ଆଭୁଷଣକୁ ଛାଡିପାରିନଥିବାବେଳେ, ମଧ୍ୟ- ବୟସ୍କାମାନେ ଶାଢ଼ୀ ପନ୍ଧିଲେଣି ।ଆଉ ବଣ୍ଡା କିଶୋରୀ ଓ ଯୁବତୀମାନେ ଫ୍ରକ, ସାଲୁଆର କାମିଜ୍ ଆଦି ପିନ୍ଧିବା ଅଭ୍ୟାସ କଲେଣି ।

ବଣ୍ଡା ପୁରୁଷମାନେ ଆଗରୁ ଲେଙ୍ଗୁଠି ମାରୁଥିଲେ । ଏବେ ସେମାନେ ପ୍ୟାଣ୍ଟ ସାର୍ଟ ପିନ୍ଧିଲେଣି ।

ବଡେଇଗୁଡା ଗାଁ ଲୋକଙ୍କ ସହ ମିଶିଲା ପରେ ଜାଣିଲୁ , ବଣ୍ଡା ରମଣୀମାନେ ବେଶ୍ କାମିକା । ସେମାନେ ଘର ବାହାର ସବୁ କାମ କରନ୍ତି । କ୍ଷେତରେ ଖଟନ୍ତି, କୁଲି ମଜୁଦୁରୀ କରନ୍ତି, ହାଟ ସଉଦା କରନ୍ତି, ରୋଷେଇବାସ ସହ ପିଲାଙ୍କ ଯତ୍ନ ମଧ୍ୟ ନିଅନ୍ତି । କିନ୍ତୁ ବଣ୍ଡା ପୁରୁଷମାନେ ସବୁବେଳେ

ନିଶାରେ ଟଳମଳ ।

ପେଟେ ସଳପ ପିଇଦେଲେ ସେମାନେ ଦୁନିଆ ଭୁଲି ଯାଆନ୍ତି । ଆଗରୁ ସେମାନେ ଶିକାର କରୁଥିଲେ, ବଣକୁ ଯାଇ ଫଳମୂଳ ସଙ୍ଗ୍ରହ କରୁଥିଲେ । ଏବେତ ଶିକାର ଉପରେ କଟକଣା , ଆଉ ଜଙ୍ଗଲ କ୍ଷୟଯୋଗୁ ଫଳମୂଳ ବି ମିଳୁନି । ତେଣୁ ସକାଳୁ ରାତିଯାଏ ସଳପ ପିଇ ପିଇ ସେମାନେ ସମୟ ବିତାଇ ଦିଅନ୍ତି । ଅବଶ୍ୟ ଏବେ କିଛି ଉପର- ବଣ୍ଡା ପିଲା ଭୁବନେଶ୍ୱରର କିସ୍ ବିଦ୍ୟାଳୟରେ ପାଠପଢି ସେମାନଙ୍କ ଅଭ୍ୟାସରେ ପରିବର୍ତ୍ତନ ଆଣିଲେଣି ।

ବଡେଇଗୁଡା ଗାଁ ଲୋକଙ୍କ ସହ ଆଳାପ ଆଲୋଚନା କରି ଆମେ ଘାଟି ଓହ୍ଲାଇ ଆସିଲୁ ଖଇରୀପୁଟ୍ । କାରଣ ସେଦିନ ସେଠାରେ ହାଟ ବସୁଥାଏ । ସପ୍ତାହକୁ ଥରେ ସେହି ହାଟ ବସେ । ସ୍ଥାନୀୟ ଭାଷାରେ ତାକୁ ବଜାର କୁହାଯାଏ । ସେହି ହାଟରେ ଆଗରୁ କେବଳ ବଣ୍ଡା ଓ ଗଦବା ଜନଜାତିର ଲୋକମାନଙ୍କୁ ଦେଖିବାକୁ ମିଳୁଥିଲା । ବଣ୍ଡା ରମଣୀମାନେ ସଳପ ବିକୁଥିଲେ ଓ ଗଦବା ମାନଙ୍କଠାରୁ ଲୁଣ, ତେଲ,ଶୁଖୁଆ ଆଦି କିଣୁଥିଲେ । ଆଗରୁ ଯେତେବେଳେ ବଣ୍ଡା ଘାଟିକୁ ଯିବା ଆସିବାର ସୁବିଧା ନଥିଲା ସେତେବେଳେ ସେହି ହାଟରେ ହିଁ ବଣ୍ଡା ମାନଙ୍କୁ ଦେଖିବାକୁ ମିଳୁଥିଲା । ତେଣୁ ହାଟପାଳିରେ ଖଇରୀପୁଟ୍‌ରେ ପର୍ଯ୍ୟଟକଙ୍କ ଭିଡ ଜମୁଥିଲା । ଏବେ ରାସ୍ତାଘାଟର ସୁବିଧା ହେବା ଯୋଗୁ ବାହାରୁ ଅନେକ ବ୍ୟବସାୟୀ ସେହି ହାଟକୁ ଆସି ବେପାର ବଣିଜ କରୁଛନ୍ତି । ହାଟର ରୂପ ବଦଳିଛି ସତ । ହେଲେ ପାରମ୍ପରିକ ବେଶଭୂଷାରେ ବଣ୍ଡା ରମଣୀଙ୍କ ସମାବେଶ ହାଟକୁ କରିଥାଏ ବେଶ୍ ଆକର୍ଷଣୀୟ । ସେହି ହାଟ ଆରମ୍ଭ ହୁଏ ବଢିସକାଳୁ ଓ ବାରଟା ବେଳକୁ ଶେଷ ହୋଇଯାଏ । ଆମେ ହାଟ ବୁଲିସାରି ପୁଣି ଘାଟି ରାସ୍ତା ଧରିଲୁ । ମୁଦୁଲିପଡାରେ ମଧ୍ୟାହ୍ନ ଭୋଜନ କଲୁ ଓ ବଡେଇଗୁଡା ଯାଇ ବିଶ୍ରାମ ନେଲୁ ।

ଆମ ଅନୁରୋଧ କ୍ରମେ ସେଦିନ ଅପରାହ୍ନରେ ବଡେଇଗୁଡାର ପିଲାମାନେ ଆମ ପାଇଁ ବଣ୍ଡା ଲୋକନୃତ୍ୟର ଆୟୋଜନ କରିଥାନ୍ତି । ବଣ୍ଡା ଝିଅମାନେ ଯେତେବେଳେ ସେମାନଙ୍କ ପାରମ୍ପରିକ ନୃତ୍ୟ ବେଶଭୂଷାରେ ବାହାରିପଡିଲେ ତାଙ୍କୁ ଜମା ଚିହ୍ନି ହେଲାନି । ରଙ୍ଗିନ ବ୍ଲାଉଜ ସହିତ ରଙ୍ଗବେରଙ୍ଗର ଶାଢ଼ୀରେ ସେମାନେ ସାରା ଦେହକୁ ଆବୃତ କରିଦେଇଥାନ୍ତି । ବେକ ଓ ଅଣ୍ଟାରେ ଲମ୍ବା ଲମ୍ବା କଉଡିର ମାଳ । ମୁଣ୍ଡରେ ପଗଡି ଓ ହାତରେ ବିଡାଏ ମୟୂରପୂଳ । ଯୁବକମାନେ ବିଦ୍ୟ ପରିବେଷଣ କରୁଥାନ୍ତି । ଯୁବତୀମାନେ ଗୀତ ଗାଇଗାଇ ନୃତ୍ୟ କରୁଥାନ୍ତି । ସେଦିନ ର ସେହି ପାରମ୍ପରିକ ନୃତ୍ୟ ମନକୁ କରିଥିଲା ବେଶ୍ ଆହ୍ଲାଦିତ । ଅନେକ ଜନଜାତି ର ନୃତ୍ୟ ସଙ୍ଗୀତ ରେ ଏବେ ଆଧୁନିକତା ପ୍ରବେଶ କରିଗଲାଣି । କିନ୍ତୁ ବଣ୍ଡା ନୃତ୍ୟରେ ଏବେବି ରହିଛି ତାଙ୍କ ଜନଜୀବନର ମୌଳିକତାର ଛାପ । ସେଦିନ ନୃତ୍ୟ ସରୁସରୁ ସନ୍ଧ୍ୟା ନଇଁଆସିଥିଲା । ଆମେ ସେହି ରାତିଟା ବଡେଇଗୁଡା ଗାଁରେ ବିତାଇ ପରଦିନ ସକାଳୁ ପ୍ରତ୍ୟାବର୍ତ୍ତନ କରିଥିଲୁ ଭବାନୀପାଟଣା । ଫେରିବାସମୟରେ ଆଖି ଆଗରେ ନାଚୁଥାଏ ବଣ୍ଡା ଜନଜାତିର ସରଳତାର ଚିତ୍ର । ସେମାନେ ଖୁବ୍ ଗରିବ ସତ , ସେମାନଙ୍କ ର କିନ୍ତୁ ଦୁଃଖ ନାହିଁ । ଯେତିକି ମିଳିଲା ସେତିକିରେ ସେମାନେ ସନ୍ତୁଷ୍ଟ । ତାଙ୍କ ଗାଁ , ତାଙ୍କ ପାହାଡ, ତାଙ୍କ ଘାଟିରେହିଁ ତାଙ୍କ ଦୁନିଆ ସୀମିତ । ସେମାନେ ବାହାର ଜଗତ କଥା ଜାଣିବାକୁ ଜମା ଆଗ୍ରହୀ ନୁହନ୍ତି । ପ୍ରକୃତିକୁ ସେମାନେ ଦେବତାବୋଲି ମାନନ୍ତି । ବଡେଇଗୁଡା ଗାଁ ମୁଣ୍ଡରେ ଥିବା ଏକ ପୁରୁଣା ବରଗଛରେ ଖୋସା ଯାଇଥିବା କେଉଁ କାଳର ଏକ ଖଣ୍ଡାକୁ ପାଟଖଣ୍ଡା କହି ପୂଜା କରନ୍ତି । ବର୍ଷର ଗୋଟିଏ ଦିନ ସେମାନେ ସେଠାରେ ଉତ୍ସବ ମନାନ୍ତି । ସେମାନେ ଭାତ ଖାଆନ୍ତି । ଭାତ ନଥିଲେ ମାଣ୍ଡିଆ ଜାଉ ଖାଆନ୍ତି । ବେଳେବେଳେ ବଣ ଫଳମୂଳ ଖାଇ ରହି ଯାଆନ୍ତି । ଆଉ କିଛି ନମିଳିଲେ ଆକାଶ କୁ ଚାହିଁ ଉପାସରେ ଶୋଇ ଯାଆନ୍ତି । ନା ତାଙ୍କର ଭୋକ ଉପାସର ଦୁଃଖ ନା କାଲି ପାଇଁ ଚିନ୍ତା । ବର୍ତ୍ତମାନ କୁ ନେଇ ବଞ୍ଚିରୁହନ୍ତି ସେମାନେ ।

ସ୍ୱାସ୍ଥ୍ୟ ମନ୍ତ୍ର

ଅନେକଙ୍କ ଧାରଣା ଯେ ଫଳରେ ଥିବା ଫ୍ରୁକ୍ଟସ୍ ଶର୍କରା ଓଜନ ବଢାଇବାରେ ସହା

ଓମ୍‌ଫେଡ୍ ସଂସ୍ଥାକୁ ବନ୍ଦ କରିବାର ବିଧିବଦ୍ଧ ଚକ୍ରାନ୍ତ ରଚୁଥିବା କୁଚକ୍ରି ଗୋଷ୍ଠୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି

ଭୁବନେଶ୍ୱର,୧୧/୫ (ନି.ପ୍ର): ଆମ ରାଜ୍ୟର ସର୍ବବୃହତ ସଂସ୍ଥା ଓମ୍‌ଫେଡ୍ ଦୀର୍ଘ ୪୦ ବର୍ଷ ଧରି ଓଡିଶାର ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ଜୀବନ ଜୀବୀକାର ଉତ୍ସ ହୋଇ ଆସିଛି । ଦୁଗ୍ଧଚାଷୀଙ୍କ ଠାରୁ ଆରମ୍ଭ କରି ଛୋଟବଡ ଚାଷଦୋକାନୀ ପର୍ଯ୍ୟନ୍ତ, ରାଜ୍ୟର ଅସଂଖ୍ୟ ବେକାର ଓଡିଆ ଭାଇଭଉଣୀ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଓମ୍‌ଫେଡ୍‌କୁ ଆଶ୍ରୟ କରି ନିଜର ପରିବାର ଚଳାଉଛନ୍ତି । କେବଳ ଓଡିଶା କାହିଁକି, ଆମର ଆଖପାଖ ପଡୋଶୀ ରାଜ୍ୟରେ ମଧ୍ୟ ଓମ୍‌ଫେଡ୍ ବେଶ୍ ଆଦୃତ ଲାଭ କରିଛି । ଏହି ସଂସ୍ଥା ରାଜ୍ୟର ବ୍ୟବସାୟୀକ ଓ ଅର୍ଥନୈତିକ ବିକାଶ କ୍ଷେତ୍ରରେ ସହାୟକ ହୋଇ ଆସିଛି । ଓମ୍‌ଫେଡ୍ ସଂସ୍ଥା ଆମ ରାଜ୍ୟର ଗର୍ବ ଓ ଗୌରବର ପ୍ରତୀକ କହିଲେ ଅତ୍ୟୁକ୍ତି ହେବ ନାହିଁ । ତେବେ ବିଗତ କିଛି ଦିନ ଧରି ଘଟିଥିବା ଘଟଣା, ଅପପ୍ରଚାର, ଆରୋପ ଏବଂ ଆକ୍ଷେପକୁ ନେଇ ଏକ ଆଶଙ୍କା ସୃଷ୍ଟି ହୋଇଛି । ଏହି ସଂସ୍ଥାକୁ ବନ୍ଦ କରିବାର ଭିତିରିଆ ଚକ୍ରାନ୍ତ କିଛି କାମ କରୁନି ତ ? କିଛି କୁଚକ୍ରୀ ସରକାରଙ୍କୁ ବଦନାମ କରିବା ପାଇଁ ଏଭଳି ବିଧିବଦ୍ଧ ଯୋଜନା କରୁନାହାଁନ୍ତି ତ ? କାଚ କାରଖାନା, ଆସିକା ଚିନିକଳ, ନୟାଗଡ ଚିନିକଳ, ସୂତାକଳ, ଆଦି ରାଜ୍ୟର ଅନେକ ଶିଳ୍ପ ସଂସ୍ଥାଗୁଡିକ ବନ୍ଦ ଭଳି ଓମ୍‌ଫେଡ୍ ମଧ୍ୟ ବନ୍ଦ ହୋଇଯିବନି ତ ? ଏଭଳି ଯୋଜନାବଦ୍ଧ ବଡ଼ଧରଣ ଷଡଯନ୍ତ୍ରର ଆଶଙ୍କା ସୃଷ୍ଟି ହୋଇଛି ଓମ୍‌ଫେଡ୍ ପଲିଥିନ ପାଉଚ୍ କିଣା ଦୁର୍ନୀତି କରାଯିବା ନେଇ । ଏହା ପଛରେ ଥିବା ସତ କଣ ? ଏହା କେବଳ ଯେ ଓମ୍‌ଫେଡ ସଂସ୍ଥାର ପ୍ରଶ୍ନ ନୁହେଁ, ବରଂ ନବୀନ ସରକାରଙ୍କ ଦକ୍ଷ ଶାସନର ପ୍ରଶ୍ନ ! ଏହି ମାମଲାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମଧ୍ୟ କାଠଗଡାରେ ଠିଆ ହେବାକୁ ପଡିଛି । ତେବେ କିଏ ଏହି କୁଚକ୍ରୀ ? ଏହି ଅଭିଯୋଗ ୨୦୧୬ ମସିହାରେ ପ୍ରଥମ କରି ଲୋକଲୋଚନକୁ ଆସେ, ଯେତେବେଳେ ବରିଷ୍ଠ ପ୍ରଶାସନିକ ଅଧିକାରୀ ଶ୍ରୀଯୁକ୍ତ ମଧୁସୂଦନ ପାଢୀ ଏହାର ଦାୟିତ୍ୱରେ ଥିଲେ । ଶ୍ରୀଯୁକ୍ତ ପାଢୀ, ୨୦୧୫-୧୬ ମଧ୍ୟରେ ଓମ୍‌ଫେଡ ପଲିଥିଲ ପାଉଚ କିଣାରେ ୨୪ କୋଟି ୨ ଲକ୍ଷ ଟଙ୍କାର ଦୁର୍ନୀତି ହୋଇଥିବା ଅଭିଯୋଗର ତଦନ୍ତ କରିବାକୁ ୧ ଡିସେମ୍ବର ୨୦୧୬ରେ ତତ୍କାଳୀନ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପାଢୀଙ୍କୁ ଚିଠି ଲେଖିଥିଲେ । ଏହି ଚିଠିକୁ ଆଧାର କରି ଏକ ସ୍ୱାଧୀନ ତଥା ନିରପେକ୍ଷ କମିଟି ଏହାର ତଦନ୍ତ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ । ଏଥିରେ କୌଣସି ଆର୍ଥିକ ଅନିୟମିତତା ତଥା ଦୁର୍ନୀତି ହୋଇ ନଥିବା ତଦନ୍ତକାରୀ କମିଟି ରିପୋର୍ଟରେ ଦର୍ଶାଇଲେ । ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ମହୋଦୟ ମଧ୍ୟ ବିଭାଗୀୟ ତଦନ୍ତ ପାଇଁ ଅନୁମୋଦନ କରିଥିଲେ । ଏହି ତଦନ୍ତରୁ ମଧ୍ୟ କୌଣସି ଦୁର୍ନୀତି ହୋଇନଥିବା ଜଣାଗଲା ।

ଏହା ସତ୍ତ୍ୱେ ମଧ୍ୟ, ଉକ୍ତ ତଦନ୍ତକୁ ବିଶ୍ୱାସକୁ ନନେଇ ଶ୍ରୀଯୁକ୍ତ ପାଢୀଙ୍କ ଚିଠିକୁ ଆଧାରକରି ଏକ ମାମଲା ମାନ୍ୟବର ଲୋକାୟୁକ୍ତଙ୍କ ନିକଟକୁ ନିଆଗଲା । ୨୦୧୫ ମସିହାରେ ବରିଷ୍ଠ ଅଧିକାରୀ ଶ୍ରୀଯୁକ୍ତ ବିଷ୍ଣୁପଦ ସେଠୀ ଓମ୍‌ଫେଡର ପରିଚାଳନା ଦାୟିତ୍ୱରେ ଥିବା ବେଳେ ପଲିଥିନ୍ କିଣାର ଟେଣ୍ଡର ପ୍ରକ୍ରିୟାକୁ ବାତିଲ କରି ଏଭଳି ଅନିୟମିତତା କରିଥିବା ଅଭିଯୋଗ ଲୋକାୟୁକ୍ତଙ୍କ ନିକଟରେ ଦାଖଲ ହେଲା । ଅଭିଯୋଗକୁ ଆଧାର କରି ଡିସେମ୍ବର ୩ ତାରିଖରେ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ସମେତ ଶ୍ରୀଯୁକ୍ତ ସେଠୀଙ୍କୁ ପକ୍ଷ ରଖିବା ପାଇଁ ମାନ୍ୟବର ଲୋକାୟୁକ୍ତ ନୋଟିସ୍ କରିଥିଲେ । ଏଠାରେ ମଧ୍ୟ କୌଣସି ଦୁର୍ନୀତି ହୋଇଥିବା ସାମ୍ନାକୁ ଆସିଲା ହାନିଁ । ୧୮ ଫେବୃଆରୀରେ ସବୁ ପକ୍ଷର ଦଲିଲକୁ ଅନୁଧ୍ୟାନ କରିବା ପରେ ମାନ୍ୟବର ଲୋକାୟୁକ୍ତ ମାମଲାକୁ ଖାରଜ କରିବା ସହିତ ଶ୍ରୀଯୁକ୍ତ ସେଠୀଙ୍କୁ କ୍ଲିନ୍‌ଚିଟ୍ ଦେଇଥିଲେ । ପଲିଥିନ୍ କିଣାରେ କୌଣସି ଆର୍ଥିକ ଅନିୟମିତତା ହୋଇନଥିବା, ବୈଷୟିକ କମିଟି ଓ ଆର୍ଥିକ ବିଶେଷଜ୍ଞଙ୍କ ମତ ଆଧାରରେ ନିଷ୍ପତ୍ତି ଗ୍ରହଣ କରାଯାଇଥିବା ଏବଂ ରାଜ୍ୟପାଳଙ୍କ ନିର୍ଦ୍ଦେଶରେ ଗଠିତ ସ୍ୱାଧୀନ କମିଟି ଦ୍ୱାରା ଏହାର ତଦନ୍ତ ହୋଇଥିବା ମଧ୍ୟ ଜଣାଗଲା । କେବଳ ସେତିକି ନୁହେଁ ଏହି ଅଭିଯୋଗରେ କୌଣସି ସତ୍ୟତା ନଥିବା ମଧ୍ୟ କୁହାଗଲା । ତେବେ ବାରମ୍ବାର ଅଭିଯୋଗକୁ ସବୁକ୍ଷେତ୍ରରେ ଖଣ୍ଡନ କରାଯାଇଥିବା ସତ୍ତ୍ୱେ କେଉଁ ଉଦ୍ଦେଶ୍ୟରେ ପୁନଃ ଅଭିଯୋଗ ଅଣାଯାଉଛି । ଯାହାଦ୍ୱାରା ଏହା ପଛରେ କୌଣସି ଯୋଜନାବଦ୍ଧ ଚକ୍ରାନ୍ତ ଚାଲିଥିବା ଆଶଙ୍କା କରାଯାଉଛି । ଏଭଳି ଅଭିଯୋଗ ସଂସ୍ଥାର ସ୍ୱଚ୍ଛତା ଓ ଦୀର୍ଘ ୪୦ ବର୍ଷର ଗାରୀମାକୁ ଆଘାତ ଆଣିଛି । ଏଭଳି ଅଭିଯୋଗ ସରକାରଙ୍କ ନିରପେକ୍ଷ ତଦନ୍ତ ଉପରେ ମଧ୍ୟ ସନ୍ଦେହର କଳଙ୍କ ଆଙ୍କିଛି । ଘଟଣାର ତଦନ୍ତ କରିବା ସହିତ ଏହାରି ପଛରେ ଥିବା କୁଚକ୍ରୀଗୋଷ୍ଠୀକୁ ଚିହ୍ନଟ କରିବା ସହିତ ସେମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆମେ ଦାବୀ କରୁଛୁ ।

ପଦ୍ମ ବିଭୂଷଣ ପାଇବାରେ ତୃତୀୟ ଓଡ଼ିଆ ରଘୁନାଥ

ଭୁବନେଶ୍ୱର ,୧୧/୫ (ନି.ପ୍ର): ୧୯୫୪ ମସିହାରେ ଭାରତ ସରକାର 'ପଦ୍ମ' ସମ୍ମାନ ଆରମ୍ଭ କଲେ । ଏହାପରେ ବିଭିନ୍ନ ସମୟରେ ବହୁ ଓଡ଼ିଆ ପଦ୍ମଶ୍ରୀ ଓ ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ ହୋଇଥିଲେ । କିନ୍ତୁ ଦେଶର ଦ୍ୱିତୀୟ ସର୍ବୋଚ୍ଚ ବେସାମରିକ ସମ୍ମାନ 'ପଦ୍ମବିଭୂଷଣ' ପାଇବାକୁ ଓଡ଼ିଶାକୁ ୪୬ ବର୍ଷ ଅପେକ୍ଷା କରିବାକୁ ପଡ଼ିଥିଲା । ୨୦୦୦ ମସିହାରେ ପ୍ରଥମ ଓଡ଼ିଆ ଭାବେ ନୃତ୍ୟ ଗୁରୁ କେଳୁଚରଣ ମହାପାତ୍ର ପଦ୍ମବିଭୂଷଣ ସମ୍ମାନ ପାଇଥିଲେ । ଏହା ପରେ ଦ୍ୱିତୀୟ ଓଡ଼ିଆ ଭାବେ ବିଶିଷ୍ଟ କବି ସୀତାକାନ୍ତ ମହାପାତ୍ର ୨୦୧୧ ମସିହାରେ ପଦ୍ମବିଭୂଷଣ ସମ୍ମାନରେ ସମ୍ମାନିତ ହେଲେ । ୨୦୧୩ ମସିହାରେ ବିଶିଷ୍ଟ ଭାସ୍କର୍ଯ୍ୟଶିଳ୍ପୀ ରଘୁନାଥ ମହାପାତ୍ର ତୃତୀୟ ଓଡ଼ିଆ ଭାବେ ଏହି ସମ୍ମାନ ଲାଭ କରିଥିଲେ । ତତ୍ ?କାଳୀନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ଠାରୁ ସେ ଏହି ସମ୍ମାନ ଗ୍ରହଣ କରିଥିଲେ । ଏହା ପୂର୍ବରୁ ଶ୍ରୀ ମହାପାତ୍ର ୧୯୭୬ ମସିହାରେ ପଦ୍ମଶ୍ରୀ ଓ ୨୦୦୧ ମସିହାରେ ପଦ୍ମଭୂଷଣ ସମ୍ମାନ ଲାଭ କରିସାରିଥିଲେ । ସୂଚନାଯୋଗ୍ୟ ଯେ ଚତୁର୍ଥ ଓଡ଼ିଆ ଭାବେ ଭାସ୍କର୍ଯ୍ୟ ଶିଳ୍ପୀ ସୁଦର୍ଶନ ସାହୁ ଚଳିତ ବର୍ଷ ପଦ୍ମବିଭୂଷଣ ସମ୍ମାନ ଲାଭ କରିଛନ୍ତି ।

ରାଜ୍ୟସଭା ନିର୍ବାଚନରେ ବିଫଳ ହୋଇଥିଲେ: ୨୦୧୪ ମସିହାରେ ରାଜ୍ୟସଭାକୁଯିବା ପାଇଁରଘୁନାଥ ମହାପାତ୍ର ଉଦ୍ୟମ କରିଥିଲେ । ସ୍ୱାଧୀନ ପ୍ରାର୍ଥୀ ଭାବେ ସେ ମଇଦାନକୁ ଓହ୍ଲାଇଥିଲେ । ସେହି ନିର୍ବାଚନରେ ଚାରିଟି ଆସନ ଓଡ଼ିଶାରୁ ?ଖାଲି ହୋଇଥିଲା । ଚାରିଟି ଆସନରେ ପ୍ରାର୍ଥୀ ଜିତାଇବାକୁ ବିଜେଡି ପାଖରେ ଆବଶ୍ୟକ ସଂଖ୍ୟା ନ ଥିଲା । ଦଳ ୩ ଜଣଙ୍କୁ ପ୍ରାର୍ଥୀ ଘୋଷଣା କରିଥିଲା ଓ ସେମାନେ ସୁରୁଖୁରୁରେ ଜିତିଯାଇଥିଲେ । ସେମାନେ ହେଲେ ଅନଙ୍ଗ ଉଦୟ ସିଂହଦେଓ, କଳ୍ପତରୁ ଦାସ ଓ ସରୋଜିନୀ ହେମ୍ବ୍ରମ୍ । ଚତୁର୍ଥ ଆସନ କିଏ ଜିତିବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା । ସ୍ୱାଧୀନ ପ୍ରାର୍ଥୀ ରଘୁନାଥ ମହାପାତ୍ର ଓ କଂଗ୍ରେସ ପ୍ରାର୍ଥୀ ରଞ୍ଜୀବ ବିଶ୍ୱାଳଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା । ଶ୍ରୀ ମହାପାତ୍ରଙ୍କ ପ୍ରାର୍ଥିତ୍ୱକୁ ଉଭୟ ବିଜେଡି ଓ ବିଜେପି ସମର୍ଥନ କରିଥିଲା । ସେହି ସମୟରେ ବିଧାନସଭାରେ ସଂଖ୍ୟା ଗଣିତକୁ ଦେଖି ଶ୍ରୀ ମହାପାତ୍ର ନିର୍ବାଚିତ ହେବାରେ ସମସ୍ୟା ହେବ ନାହିଁ ବୋଲି ରାଜନେ ?ତିକ ମହଲରେ ଆକଳନ କରାଯାଉଥିଲା । କିନ୍ତୁ ନିର୍ବାଚନ ଫଳାଫଳ ସବୁ ଗଣିତକୁ ଏପଟସେପଟ କରିଦେଲା । ଶ୍ରୀ ମହାପାତ୍ର ପରାଜିତ ହେଲେ ଓ କଂଗ୍ରେସ ପ୍ରାର୍ଥୀ ଶ୍ରୀ ବିଶ୍ୱାଳ ବିଜୟୀ ହେଲେ । ଏହି ପରାଜୟକୁ ନେଇ ସେତେବେଳେ ବିଜେଡି ଓ ବିଜେପି ପରସ୍ପରକୁ ଦୋଷାରୋପ କରିଥିଲେ ବି ଶ୍ରୀ ମହାପାତ୍ର କାହା ବିରୋଧରେ କିଛି କହି ନ ଥିଲେ ।

ରାଜ୍ୟସଭାକୁ ମନୋନୀତ ହେବାରେ ପ୍ରଥମ ଓଡ଼ିଆ: କଳା, ସଂସ୍କୃତି, ସାହିତ୍ୟ ଆଦି କ୍ଷେତ୍ରରେ ଶ୍ରେଷ୍ଠତ୍ୱ ପ୍ରତିପାଦିତ କରିଥିବା କୃତୀ ସନ୍ତାନମାନଙ୍କୁ ରାଷ୍ଟ୍ରପତି ରାଜ୍ୟସଭାକୁ ମନୋନୀତ କରିବାର ବ୍ୟବସ୍ଥା ଅଛି । କିନ୍ତୁ ଓଡ଼ିଶାରୁ ଦୀର୍ଘ ବର୍ଷ ପର୍ଯ୍ୟନ୍ତ କେହି ଜଣେ ବ୍ୟକ୍ତି ମନୋନୀତ ହେବାର ସୌଭାଗ୍ୟ ପାଇ ନ ଥିଲେ । ୨୦୧୮ ମସିହାରେ ଓଡ଼ିଶା ପାଇଁ ଏହି ଗୌରବର ଦିନ ଆସିଥିଲା । ସେହିବର୍ଷ ଜୁଲାଇ ୧୪ ତାରିଖରେ ଏକା ଥରେ ଦୁଇ ଜଣ ଓଡ଼ିଆଙ୍କୁ ରାଷ୍ଟ୍ରପତି ରାଜ୍ୟସଭାକୁ ମନୋନୀତ କରିଥିଲେ । ରଘୁନାଥ ମହାପାତ୍ରଙ୍କ ସହ ଓଡ଼ିଶାର ବୋହୂ ତଥା ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ସୋନାଲ ମାନସିଂହ ରାଜ୍ୟସଭାକୁ ମନୋନୀତ ହେଲେ । କିନ୍ତୁ ନିଜ କାର୍ଯ୍ୟକାଳ ସରିବାର ଯଥେଷ୍ଟ ପୂର୍ବରୁ ଶ୍ରୀ ମହାପାତ୍ରଙ୍କ ପରଲୋକ ହୋଇଯାଇଛି ।

୧୬ ଯାଏ ୬ ଯୋଡ଼ା ସ୍ୱତନ୍ତ୍ର ଟ୍ରେନ ବାତିଲ

ଭୁବନେଶ୍ୱର ,୧୧/୫ (ନି.ପ୍ର): ଯାତ୍ରୀ ହେଉ ନ ଥିବାରୁ ଦୈନିକ ଚଳାଚଳ କରୁଥିବା ଆଉ ୬ ଯୋଡ଼ା ମେମୁ/ପାସେଞ୍ଜର ଟ୍ରେନ୍‌କୁ ୧୬ ତାରିଖ ପର୍ଯ୍ୟନ୍ତ ବାତିଲ କରାଯାଇଛି । ଉକ୍ତ ଟ୍ରେନ୍‌ଗୁଡିକ ହେଲା ଭୁବନେଶ୍ୱର-କେନ୍ଦୁଝରଗଡ଼-ଭୁବନେଶ୍ୱର ସ୍ୱତନ୍ତ୍ର ଟ୍ରେନ୍ (୦୮୪୫୬/୦୮୪୫୫), ଭୁବନେଶ୍ୱର-ଭଦ୍ରକ- ଭୁବନେଶ୍ୱର ସ୍ୱତନ୍ତ୍ର ଟ୍ରେନ(୦୮୪୧୨/୦୮୪୧୧), କଟକ-ଭଦ୍ରକ-କଟକ ସ୍ୱତନ୍ତ୍ର ଟ୍ରେନ(୦୮୪୩୮/୦୮୪୩୭), କଟକ-ପାରାଦୀପ-କଟକ ବିଶେଷ ଟ୍ରେନ(୦୮୪୬୧/୦୮୪୬୨), କଟକ-ଭଦ୍ରକ-କଟକ ବିଶେଷ ଟ୍ରେନ(୦୮୪୫୪/୦୮୪୫୩) ଓ ବିଶାଖାପାଟଣା-ରାୟପୁର-ବିଶାଖାପାଟଣା ସ୍ୱତନ୍ତ୍ର ଟ୍ରେନ (୦୮୫୨୮/୦୮୫୨୭) ।

ଆଗକୁ ଅକ୍ଷୟ ତୃତୀୟା : ସଜେଇ ହେଲାଣି ଓଡ଼ିଶାର ପ୍ରଥମ କୃଷକ ଦେବତା

ଭୁବନେଶ୍ୱର,୧୧/୫ (ନି.ପ୍ର): ଆଗକୁ ଆସୁଛି ପବିତ୍ର ଅକ୍ଷୟ ତୃତୀୟା । କୃଷକମାନଙ୍କର ଚାଷକାମ ଅନୁକୂଳର ପ୍ରଥମ ଦିବସ । ଏହି ଦିନରେ କୃଷକମାନେ ନିଜ ଘରେ ଝୋଟି ପକାଇବା ସହ ଚାଷ କାମ ପାଇଁ ବିହନ ଅନୁକଳ କରିଥାଏ ଏବଂ ଭଲ ଫସଲ ଅମଳ ପାଇଁ ପୂଜାର୍ଚ୍ଚନା କରିଥାଏ । କିନ୍ତୁ ଦୁଇବର୍ଷ ଧରି ମହାମାରୀ କରୋନା ଯୋଗୁଁ ରାଜ୍ୟ ସରକାର କଟକଣା ଜାରି କରିଛନ୍ତି । କିନ୍ତୁ ଏସବୁ ସତ୍ତ୍ୱେ କଟକ ଜିଲ୍ଲା ଅନ୍ତର୍ଗତ ଗୋକନ ମଣିଜୋରୀ ଗ୍ରାମରେ ଏବେଠୁ ସଜେଇ ହେଲେଣି ଓଡ଼ିଶାର ପ୍ରଥମ କୃଷକ ଦେବତା । ଏହି ଗ୍ରାମରେ ଭାରତର ସର୍ବପ୍ରଥମ କୃଷକ ମନ୍ଦିର ୨୦୦୫ ମସିହାରେ ପ୍ରତିଷ୍ଠା ହୋଇଥିଲା । ଏହି ମନ୍ଦିରକୁ ପ୍ରତଷ୍ଠା କରିଥିଲେ ଜଣାଶୁଣା ସମାଜସେବୀ ପ୍ରତାପ କୁମାର ସାହୁ । ବିପ୍ଳବୀ କବି ରବି ସିଂ ଏହି ମନ୍ଦିରକୁ ଉଦ୍‌ଘାଟନ କରିଥିଲେ । ଏଠାରେ ଉଲ୍ଲେଖଥାଉକି, ପ୍ରତ୍ୟେକ ବର୍ଷ ଅକ୍ଷୟ ତୃତୀୟା ଦିନ ହଳ ପ୍ରତିଯୋଗିତା କରାଯିବା ସହ କୃଷି ପ୍ରତିଯୋଗୀମାନଙ୍କୁ ପିତଳ ବାଲଟି, ପିତଳ ଘଣ୍ଟି, ଦଉଡ଼ି, ପାଞ୍ଚଣ, ଗୋଖାଦ୍ୟ ଏବଂ ସାର୍ଟିଫିକେଟ ପ୍ରଦାନ କରାଯାଇଥାଏ । ସେଠାକୁ ଆସୁଥିବା ପ୍ରତ୍ୟେକ ଗୋମାତାମାନଙ୍କୁ ମାଗଣାରେ ପଶୁ ଡ଼ାକ୍ତରମାନଙ୍କ ଦ୍ୱାରା ଚିକିତ୍ସା କରାଯାଇଥାଏ । ପ୍ରତ୍ୟେକ ବର୍ଷ ଅକ୍ଷୟ ତୃତୀୟା ଦିନ ପାଖାପାଖି ଦୁଇହଜାର ଲୋକଙ୍କ ପାଇଁ ଖାଇବା ପିଇବାର ବ୍ୟବସ୍ଥା କରାଯାଇଥାଏ । କିନ୍ତୁ ବଡ଼ ଦୁଃଖର ବିଷୟ ମନ୍ଦିରର ପ୍ରତିଷ୍ଠାତା ପ୍ରତାପ ସାହୁ କହିଛନ୍ତି ଯେ, ବିଗତ ଦୁଇବର୍ଷ ହେବ କରୋନ ଯୋଗୁ ଲକଡ଼ାଉନ ଓ ସଟଡ଼ାଉନ ଲାଗୁ ଫଳରେ ଏହି ମନ୍ଦିରରେ କେବଳ ଯଜ୍ଞ କରା ଯାଇଥାଏ । ଖାଦ୍ୟପେୟ ଓ ପ୍ରତିଯୋଗିତାକୁ ମହାମାରୀ କରୋନା ଯୋଗୁ ବନ୍ଦ କରିଦିଆଯାଇଛି ବୋଲି ଶ୍ରୀଯୁକ୍ତ ସାହୁ କହିଛନ୍ତି । ଗ୍ରାମବାସୀ ଯେତେବେଳେ ଚାଷ କାର୍ଯ୍ୟ କରିବାକୁ ଯାଆନ୍ତି, ପ୍ରଥମେ କୃଷକ ମନ୍ଦିର ନିକଟରେ ପୂଜାର୍ଚ୍ଚନା କରିଥାନ୍ତି । ତେଣୁ ଆଗକୁ ଆସୁଛି ପବିତ୍ର ଅକ୍ଷୟ ତୃତୀୟା । ସେଥିପାଇଁ ଏବେଠାରୁ ସଜେଇ ହେଲେଣି କୃଷକ ଦେବତା । ଗ୍ରାମର ଲୋକମାନେ କୃଷକ ମନ୍ଦିରକୁ ରଙ୍ଗ ବେରଙ୍ଗରେ ସଜେଇବାରେ ଲାଗି ପଡ଼ିଛନ୍ତି । ମହାମାରୀ କରୋନା ଯୋଗୁ ଲୋକମାନଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ପଡ଼ିଥିବା ବେଳେ ସାଧାରଣ ଲୋକଙ୍କ ଜୀବନ ଜୀବିକା ଅସ୍ତବ୍ୟସ୍ତ ହୋଇପଡ଼ିଛି । ତେଣୁ ଚଳିତବର୍ଷ ଭଲ ଫସଲ

ଅମଳ ହେବା ଆଶାରେ କୃଷକ ମନ୍ଦିରକୁ ସାଜସଜ୍ଜା କରି ଏବେ ଠାରୁ ପୂଜାର୍ଚ୍ଚନା କରିବାକୁ ଲାଗିଲେଣି । କୃଷକ ଦେବତାଙ୍କ କୃପାରୁ ଚଳିତବର୍ଷ ଭଲ ଫସଲ ଅମଳ ହେବା ସହ ଆଗକୁ ଦେଶବାସୀଙ୍କ ପାଇଁ ଖାଦ୍ୟପେୟର ଅଭାବ ଦୂର କରିବା ପାଇଁ ଲାଗି ପଡ଼ିଛନ୍ତି ।

ଓଡ଼ିଶାର ୭ ଜିଲ୍ଲାରେ ଅକ୍ସିଜେନ୍ ପ୍ଲାଣ୍ଟ୍ ନିର୍ମାଣ କରିବ ଏନ୍‌ଏଚ୍‌ଏଆଇ

ଭୁବନେଶ୍ୱର ,୧୧/୫ (ନି.ପ୍ର): କରୋନାର ଦ୍ୱିତୀୟ ଲହର ସମୟରେ ଦେଶରେ ଅକ୍ସିଜେନ୍ ସଙ୍କଟ ଚିକିତ୍ସା କ୍ଷେତ୍ରରେ ଏକ ଗୁରୁତର ସମସ୍ୟା ସୃଷ୍ଟି କରିଛି । ଏହି ସଙ୍କଟକୁ ଦୂର କରିବା ପାଇଁ ଜାତୀୟ ରାଜପଥ କର୍ତ୍ତୃପକ୍ଷ(ଏନ୍‌ଏଚ୍‌ଏଆଇ) ସହଯୋଗର ହାତ ବଢ଼ାଇଛନ୍ତି । ଓଡ଼ିଶାର ୭ଟି ଜିଲ୍ଲାରେ ଏନ୍‌ଏଚ୍‌ଏଆଇ ଅକ୍ସିଜେନ୍ ପ୍ଲାଣ୍ଟ୍ ନିର୍ମାଣ କରିବ । ସେହି ଜିଲ୍ଲାଗୁଡ଼ିକ ହେଲା ଝାରସୁଗୁଡ଼ା, ବୌଦ୍ଧ, କୋରାପୁଟ, ଗଜପତି, ନୟାଗଡ଼, କଟକ ଓ ଭଦ୍ରକ । ୬ଟି ଜିଲ୍ଲାର ଜିଲ୍ଲା ମୁଖ୍ୟାଳୟ ହସ୍ପିଟାଲ୍ ଏବଂ କଟକର ଆଚାର୍ଯ୍ୟ ହରିହର କର୍କଟ ପ୍ରତିଷ୍ଠାନରେ ଏହି ପ୍ଲାଣ୍ଟ୍ ନିର୍ମାଣ ହେବ । ପାଇପ୍ ଯୋଗେ ହସ୍ପିଟାଲ୍‌କୁ ଅକ୍ସିଜେନ୍ ସୁବିଧା ଯୋଗାଇ ଦିଆଯିବ । ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କାମ ଶେଷ କରିବାକୁ ଏନ୍‌ଏଚ୍‌ଏଆଇ ଲକ୍ଷ୍ୟ ରଖିଛି ।

କୋଭିଡ୍ ପ୍ରଭାବ ଉପରେ ଫିକି ଓଡ଼ିଶାର ବୈଠକ

ଭୁବନେଶ୍ୱର ,୧୧/୫ (ନି.ପ୍ର): ଅର୍ଥନୀତିର ବିଭିନ୍ନ କ୍ଷେତ୍ର ଉପରେ କୋଭିଡ୍-୧୯ ମହାମାରୀର ପ୍ରଭାବକୁ ନେଇ ଫିକି ଓଡ଼ିଶା ରାଜ୍ୟ ପରିଷଦ ପକ୍ଷରୁ ଭର୍ଚୁଆଲ୍ ମାଧ୍ୟମରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ପରିଷଦର ଅଧ୍ୟକ୍ଷା ତଥା ସମ୍ବାଦ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶିକା ମୋନିକା ନୌୟାର ପଟ୍ଟନାୟକ ପ୍ରାରମ୍ଭିକ ଅଭିଭାଷଣରେ ମହାମାରୀ କିଭଳି ବିଭିନ୍ନ କ୍ଷେତ୍ରକୁ ପ୍ରଭାବିତ କରିଛି ତାହା ଉପରେ ଆଲୋକପାତ କରିଥିଲେ । ପ୍ରତିଟି କ୍ଷେତ୍ର କିଭଳି ସଂଘର୍ଷ କରି ଆଗକୁ ବଢ଼ିବାକୁ ପ୍ରୟାସ କରୁଛି ତାହା ସେ ବିସ୍ତୃତ ଭାବେ ବର୍ଣ୍ଣନା କରିଛନ୍ତି ।

ଆଜି ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ବିଭିନ୍ନ କ୍ଷେତ୍ରର ପ୍ରତିନିଧି ଅଂଶଗ୍ରହଣ କରିଥିଲେ । କୋଭିଡ୍-୧୯ର ପ୍ରଭାବ, ଟିକାକରଣକୁ ନେଇ ଦାବି/ପରାମର୍ଶ ଏବଂ ଚାହିଦା ପୂରଣ କରିବା ଲାଗି ନୂତନ ଚିନ୍ତାଧାରା ଉପରେ ବୈଠକରେ ଆଲୋଚନା ହୋଇଛି । ମହାମାରୀ ଦ୍ୱାରା ପ୍ରଭାବିତ ହୋଇଥିବା ଲୋକମାନଙ୍କ ଜୀବନ ଓ ଜୀବିକା ସମସ୍ୟାର ସମାଧାନ କରିବା ଲାଗି ଫିକି ତରଫରୁ ସରକାରଙ୍କୁ କ'ଣ ସବୁ ପ୍ରସ୍ତାବ ଓ ସୁପାରିସ ପ୍ରଦାନ କରାଯିବା ଦରକାର ତାହାକୁ ନେଇ ମଧ୍ୟ ଆଲୋଚନା କରାଯାଇଛି । ଏହି ସଙ୍କଟମୟ ସମୟରେ ସଦସ୍ୟମାନଙ୍କ ତରଫରୁ ଅକ୍ସିଜେନ୍ ଠାରୁ ଆରମ୍ଭ କରି ଅକ୍ସିଜେନ୍ କନ୍‌ସେଣ୍ଟ୍ରେଟର, ମେଡିକାଲ୍ ଉପକରଣ ଆଦି ସହାୟତା କିଭଳି କେନ୍ଦ୍ର, ରାଜ୍ୟ ଓ ଜିଲ୍ଲା ସ୍ତରରେ ପ୍ରଦାନ କରାଯାଇପାରିବ ଏବଂ ଅନ୍ୟ କେଉଁ ସବୁ ଅଭିଯାନ ଆରମ୍ଭ କରାଯାଇପାରିବ ତାହା ଉପରେ ମଧ୍ୟ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି ।

କବି ଅମିତାଭ ମିଶ୍ରଙ୍କ ଲିଖିତ ପୁସ୍ତକ "ହେ ସ୍ରଷ୍ଟା ତୁମକୁ ପ୍ରଣାମ" ଉନ୍ମୋଚିତ

ବାରିପଦା,୧୧/୦୫ (ନି.ପ୍ର): କବି ଅମିତାଭ ମିଶ୍ରଙ୍କ ଲିଖିତ ପୁସ୍ତକ "ହେ ସ୍ରଷ୍ଟା ତୁମକୁ ପ୍ରଣାମ" ପୁସ୍ତକ ଲୋକାର୍ପିତ ହୋଇଯାଇଛି । ମୟୂରଭଞ୍ଜ ସାହିତ୍ୟ ଏକାଡେମୀ ପକ୍ଷରୁ ପ୍ରକାଶିତ ଏହି ପୁସ୍ତକକୁ ଏକାଡେମୀର ସଭାପତି ଡ. ସରୋଜ କୁମାର ନାୟକଙ୍କ ବାସଭବନରେ ବାରିପଦା ମହାବିଦ୍ୟାଳୟର ଓଡିଆ ଭାଷା ସାହିତ୍ୟ ବିଭାଗର ବିଭାଗୀୟ ମୁଖ୍ୟ ଡ.ନିରୁପମା ନାୟକ ଉନ୍ମୋଚିତ କରିଥିଲେ। "ହେ ସ୍ରଷ୍ଟା ତୁମକୁ ପ୍ରଣାମ" ପୁସ୍ତକଟି ଓଡିଆ ସାହିତ୍ୟରେ ପ୍ରତିଷ୍ଠିତ କିଛି କବି ଲେଖକଙ୍କର ସଂକ୍ଷିପ୍ତ ପରିଚୟ ବହନ କରୁଥିବା ଏକ କ୍ଷୁଦ୍ର ପୁସ୍ତକ। ପୂର୍ବରୁ ଶ୍ରୀ ମିଶ୍ରଙ୍କ ଲିଖିତ ପୁସ୍ତକ "ସ୍ମୃତି ମଞ୍ଜୁଳା", "ସୃଷ୍ଟି ସମଗ୍ର", "ରୁପାନ୍ତର", "ମଣି ମାଣିକ୍ୟ", "ଶିଶୁ: ମୋ ଦେଶର ଶିଶୁ", "କବିତା କଳାପ", "ଟିକି ଟିକି ତାରାଫୁଲ", "କବିତା କହ୍ଲାର", "କବିତା କଳ୍ପଲତା", "କବିତା କସ୍ତୁରୀ", "କବିତା କୋରଳ", "କବିତା କୌରବ" ପ୍ରଭୃତି ପାଠକୀୟ ସ୍ୱୀକୃତିଲାଭ କରିଛି। ବାରିପଦା ଗୋପବନ୍ଧୁ ସାହିତ୍ୟ ସଂସଦର ସମ୍ପାଦକ ଶ୍ରୀ ମିଶ୍ର ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ଶିକ୍ଷକତା କରନ୍ତି।

ଜାତୀୟ ପ୍ରଯୁକ୍ତି ଦିବସରେ ବୈଜ୍ଞାନିକମାନଙ୍କୁ ଅଭିବାଦନ ଜଣାଇଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୧୧/୦୫ (ନି.ପ୍ର): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଜାତୀୟ ପ୍ରଯୁକ୍ତି ଦିବସରେ ବୈଜ୍ଞାନିକ ଏବଂ ପ୍ରଯୁକ୍ତିବିଦ୍ୟା ପ୍ରତି ଆଗ୍ରହୀ ଥିବା ଲୋକଙ୍କୁ ପ୍ରଶଂସା କରିଛନ୍ତି । ଏକ ଟ୍ୱିଟ୍ ମାଧ୍ୟମରେ ପ୍ରଧାନମନ୍ତ୍ରୀ କହିଛନ୍ତି:"ଜାତୀୟ ପ୍ରଯୁକ୍ତି ଦିବସରେ, ଆମର ଦୃଢ ଓ କଠିନ ପରିଶ୍ରମୀ ବୈଜ୍ଞାନିକ ତଥା ପ୍ରଯୁକ୍ତିବିଦ୍ୟା ପ୍ରତି ଆଗ୍ରହୀ ବ୍ୟକ୍ତିବିଶେଷଙ୍କୁ ଆମେ ଅଭିବାଦନ ଜଣାଉଛୁ । ୧୯୯୮ ପୋଖରାନ ପରୀକ୍ଷଣକୁ ଆମେ ଗର୍ବର ସହିତ ମନେ ରଖିଛୁ, ଯେଉଁଥିରେ ଭାରତର ବୈଜ୍ଞାନିକ ଏବଂ ବୈଷୟିକ ଜ୍ଞାନ କୌଶଳର ପ୍ରଦର୍ଶନ କରାଯାଇଥିଲା । ଯେ କୌଣସି ପ୍ରକାର ଆହ୍ୱାନମୂଳକ ପରିସ୍ଥିତିରେ, ଆମର ବୈଜ୍ଞାନିକ ଏବଂ ଉଦ୍ଭାବକମାନେ ସବୁବେଳେ ଆଗକୁ ଆସି ସୁଯୋଗକୁ ହାତଛଡା ନକରି ଆହ୍ୱାନଗୁଡିକୁ ମୁକାବିଲା କରିଥାନ୍ତି । ଗତ ଏକ ବର୍ଷ ମଧ୍ୟରେ, ସେମାନେ କୋଭିଡ-୧୯ ସହିତ ଲଢିବା ଲାଗି କଠିନ ପରିଶ୍ରମ କରିଛନ୍ତି । ମୁଁ ସେମାନଙ୍କର ଦୃଢତା ଏବଂ ଉଲ୍ଲେଖନୀୟ ଉତ୍ସାହକୁ ପ୍ରଶଂସା କରୁଛି" ।

କରୋନାରୁ ସୁସ୍ଥ ହେଲେ ୭୫୬୪ ଜଣ

ଭୁବନେଶ୍ୱର,୧୧/୦୫ (ନି.ପ୍ର): ରାଜ୍ୟରେ ଆଜି କରୋନାରୁ ୭୫୬୪ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି । ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୪ ଲକ୍ଷ ୬୫ ହଜାର ୧୩୩ରେ ପହଂଚିଛି । ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୧୨୯୧ ଓ ସୁନ୍ଦରଗଡ଼ ଜିଲ୍ଲାରୁ ୭୩୨ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ପୁରୀ ଜିଲ୍ଲାରୁ ୫୨୯ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । କଟକ ଜିଲ୍ଲାରୁ ୪୭୦, ସମ୍ବଲପୁରରୁ ୪୪୦, ଝାରସୁଗୁଡ଼ାରୁ ୪୦୩, ବରଗଡ଼ରୁ ୩୮୨, ନବରଂଗପୁରରୁ ୩୫୬, ବଲାଙ୍ଗୀରରୁ ୨୮୯, ଗଂଜାମରୁ ୨୬୧, ନୂଆପଡ଼ାରୁ ୨୫୯, କଳାହାଣ୍ଡିରୁ ୧୭୩, ନୟାଗଡ଼ରୁ ୧୫୬, ଢେଙ୍କାନାଳରୁ ୧୪୬, ଭଦ୍ରକରୁ ୧୪୨, ମୟୂରଭଂଜରୁ ୧୩୪, ଗଜପତିରୁ ୧୨୮, ଯାଜପୁରରୁ ୧୨୭, ସୁବର୍ଣ୍ଣପୁରରୁ ୧୨୧, ଅନୁଗୁଳରୁ ୧୦୮, ଜଗତସିଂହପୁରରୁ ୧୦୫ ଓ ବାଲେଶ୍ୱରରୁ ୧୦୦ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ସେହିଭଳି କୋରାପୁଟ ଜିଲ୍ଲାରୁ ୯୮, କେନ୍ଦ୍ରାପଡ଼ାରୁ ୮୭, ଦେବଗଡ଼ରୁ ୭୧, କନ୍ଧମାଳରୁ ୬୪, କେନ୍ଦୁଝରରୁ ୫୮, ମାଲକାନଗିରିରୁ ୫୫, ବୌଦ୍ଧରୁ ୨୬, ରାୟଗଡ଼ାରୁ ୧୭ ଓ ରାଜ୍ୟପୁଲରୁ ୨୩୬ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି ।

ଜୁଆ ଆଡ୍ଡା ଉପରେ ପୋଲିସର ଚଢ଼ଉ : ୩ ବାଇକ୍ ଜବତ, ୭ ଗିରଫ

ଗଞ୍ଜାମ,୧୧/୦୫ (ନି.ପ୍ର): ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ଆଠଗଡ଼ପାଟଣା ଗ୍ରାମରେ ଲକ୍ ଡାଉନ୍ ସମୟରେ ଜୁଆ ଖେଳ ଚାଲିଥିବା ଖବର ପାଇ ପୋଲିସ ପକ୍ଷରୁ ଏହି ଆଡ୍ଡା ଉପରେ ଚଢ଼ଉ କରାଯାଇଥିଲା । ଚଢ଼ଉ ବେଳେ ସେଠାରୁ ୩ଟି ବାଇକ୍ ଜବତ କରାଯିବା ସହ ମାମଲାରେ ୭ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି ବୋଲି କବିସୂର୍ଯ୍ୟନଗର ଥାନା ଆଇଆଇସି ପ୍ରଭାତ କୁମାର ସାହୁ ସୂଚନା ଦେଇଛନ୍ତି ।

କରୋନାରେ ଆଖି ବୁଜିଲେ ପୂର୍ବତନ ଭାରତୀୟ ଷ୍ଟେଟ ବ୍ୟାଙ୍କର ମୁଖ୍ୟ ପରିଚାଳକ

ନୀଳଗିରି,୧୧/୦୫ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ସ୍ଥିତ ଭଉଁରିଆବାଡ଼ ଗ୍ରା.ପ.ର ତେରେଲଡିହି ଗ୍ରାମର ୪ଚରେ ମାଝୀଙ୍କ ବଡ଼ ପୁଅ ନିମାଇଁଚର ମାଝୀ ଗତ ୨୮.୪.୨୧ରିଖରେ ଅସୁସ୍ଥ ଯୋଗୁଁ ଭୂବନେଶ୍ୱରସ୍ଥିତ ସମ ହସ୍‌ପିଟାଲରେ ଆଡ଼ମିଶନ ହୋଇଥିଲେ । ସେଠାରେ ସେ କରୋନା ପଜିଟିଭ୍ ଚିହ୍ନଟ ହୋଇ ଚିକିତ୍ସିତ ହେଉଥିଲେ । ଚିକିତ୍ସିତ ଅବସ୍ଥାରେ ଗତ ୯.୫.୨୧ରିଖ ରବିବାର ଦିବା ୨ଘଟିକା ସମୟରେ ଜୀବନ ଯୁଦ୍ଧରେ ହାରି ଯାଇଥିଲେ । ତାଙ୍କ ମରଶରୀରକୁ ସତ୍ୟନଗରସ୍ଥିତ ଶ୍ମସାନ ଘାଟକୁ ନିଆଯାଇ ବି.ଏମ.ସି. ପକ୍ଷରୁ ଶବ ସଂସ୍କାର କରାଯାଇଥିଲା । ମୃତ୍ୟୁବେଳକୁ ତାଙ୍କୁ ୬୩ବର୍ଷ ହୋଇଥିଲା । ସୂଚନାଥାଉକି ବାପା ୪ଚରେ ମାଝୀ ଙ୍କର ପାଞ୍ଚ ପୁଅ ଓ ଜଣେ ଝିଅ ଥିବା ବେଳେ ଶ୍ରୀ ମାଝୀ ବଡ଼ ପୁଅ ଥିଲେ । ସେ ଜଣେ ଆଦିବାସୀ ପରିବାରର ହୋଇଥିଲେ ମଧ୍ୟ ପଢ଼ା ପ୍ରତି ତାଙ୍କର ବିପୁଳ ଆଗ୍ରହ ଯୋଗୁଁ ବିଭିନ୍ନ ବିଭାଗରେ କୃତୀତ୍ୱର ସହ ଉନ୍ନିତହୋଇ ଶେଷରେ ଭାରତୀୟ ଷ୍ଟେଟ ବ୍ୟାଙ୍କରେ ଉଚ୍ଚସୋପାନରେ ପହଞ୍ଚିପାରିଥିଲେ । ଶେଷରେ ସେ ଏସ.ବି.ଆଇ.ର ଚିଫ୍‌ମ୍ୟାନେଜର ଭାବେ ୨୦୧୮ ମସିହାରେ ଅବସର ନେଇଥିଲେ । ସେ ଅତ୍ୟନ୍ତ ଭଦ୍ର, ସରଳ ଅମାୟିତ ବ୍ୟକ୍ତିତ୍ୱର ଅଧିକାର ଥିଲେ । ତାଙ୍କ ବିୟୋଗରେ ତାଙ୍କ ପରିବାରର ଜଣେ ମୁରବୀକୁ ହରେଇଲେ । ଚାକିରିରୁ ଅବସର ପରେ ଭୂବନେଶ୍ୱର କଳିଙ୍ଗନଗରସ୍ଥିତ ବାସଭବନରେ ରହିଆସୁଥିଲେ । ତାଙ୍କ ବଡ଼ପୁଅ ଗଣେଶ୍ୱର ହାଁସଦା ମୁଖାଗ୍ନି ଦେଇଥିବା ବେଳେ ତାଙ୍କ ସାନଭାଇ ମଦନ ମାଝୀ ମୁମ୍ବାଇ ସ୍ଥିତ ଭାରତୀୟ ରିଜର୍ଭ ବ୍ୟାଙ୍କର ଚିଫ୍ ଜେନେରାଲ ମ୍ୟାନେଜର ଭାବେ କାର୍ଯ୍ୟ କରି ଅବସରଗ୍ରହଣ କରିଛନ୍ତି । ଶ୍ରୀ ନିମାଇଁ ମାଝୀ ବିଭିନ୍ନ ସାମାଜିକ ସଂଗଠନ ସହିତ ଜଡ଼ିତ ଥାଇ ନୀଳଗିରିର ଆଦିବାସୀ ସଂପ୍ରଦାୟର ଲୋକମାନଙ୍କର ଉନ୍ନତି ପାଇଁ ସଦାସର୍ବଦା ଚେଷ୍ଟିତ ଥିଲେ । ତାଙ୍କ ବିୟୋଗରେ ଜନ୍ମମାଟି ତେରେଲଡିହି ଓ ଆଖାପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

ବଜ୍ରପାତରେ ଜଳିଗଲା କୁକୁଡାଫାର୍ମ

ଭଦ୍ରକ,୧୧/୦୫ (ନି.ପ୍ର): ଏହି ଜିଲାର ଭଣ୍ଡାରିପୋଖରୀ ବ୍ଲକର ଥଇଳାଗ୍ରାମ ମାତିନିସାହିର ଅଭିମନ୍ୟୁ ସାହୁଙ୍କର କୁକୁଡା ଫାର୍ମ ଆଜି ମଧ୍ୟାହ୍ନରେ ଜଳିଯାଇଛି । ବଜ୍ରପାତ ଅଗ୍ନିକାଣ୍ଡର କାରଣ ବୋଲି ଜଣାଯାଇଛି । ଏହି ଅଗ୍ନିକାଣ୍ଡରେ ପା ଶହ କୁକୁଡା ପୋଡିଯିବା ସହ କୁକୁଡା ଖାଦ୍ୟ ମଧ୍ୟ ଜଳିଯାଇଛି । ଭଣ୍ଡାରିପୋଖରୀରୁ ଦମକଳ କର୍ମଚାରୀ ଆସି ଅଗ୍ନିକୁ ଆୟତ୍ତ କରିଥିଲେ। ଗତ ଡିସେମ୍ବର ମାସରେ ଫାର୍ମ ହାଉସ ନିର୍ମାଣ କରି ଶ୍ରୀ ସାହୁ କୁକୁଡା ଚାଷ ଆରମ୍ଭ କରିଥିଲେ। ପତ୍ନୀଙ୍କ ନାମରେ ଗ୍ରୁପ ଋଣ କରି ସେ କୁକୁଡା ଚାଷ ଆରମ୍ଭ କରିଥିଲେ। ମାତ୍ର ଅଗ୍ନିକାଣ୍ଡ ସବୁ ଜାଳିଦେଇଛି।

ଦୁଇସଂସ୍ଥା ପକ୍ଷରୁ ଜିଲ୍ଲାପାଳଙ୍କୁ ଅକ୍‌ସିଜେନ କନ୍‌ସେନଟ୍ରେଟର ପ୍ରଦାନ

ବାଲେଶ୍ୱର,୧୧/୦୫ (ନି.ପ୍ର): ବାଲେଶ୍ୱର ଇଷ୍ଟନ ସିଲିଣ୍ଡର ଏବଂ ବିଶ୍ୱମାନବ ଅଧିକାର ସଂଗଠନ ବାଲେଶ୍ୱର ଡିଭିଜନ୍ ପକ୍ଷରୁ ଦୁଇଟି ଅକ୍‌ସିଜେନ୍ କନ୍‌ସେନଟ୍ରେଟର ଜିଲ୍ଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ପ୍ରଦାନ କରାଯାଇଛି। ଏହି ସମୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଲ ସେନ ଜଗଦ୍ଦେବ ଉପସ୍ଥିତ ଥିଲେ। ଜିଲ୍ଲାରେ ଏହି ଅତ୍ୟାବଶ୍ୟକୀୟ ଅକ୍‌ସିଜେନ କନ୍‌ସେନଟ୍ରେଟର ଜରୁରୀ ଥିବା ବେଳେ ଉକ୍ତ ଦୁଇ ସଂସ୍ଥା ପ୍ରଦାନ କରିଥିବାରୁ ଜିଲ୍ଲାପାଳ ଦୁଇସଂସ୍ଥାକୁ ଧନ୍ୟବାଦ ଜଣାଇବା ସହ ଆଗାମୀ ଦିନରେ ଏହି ପ୍ରକାର କନ୍‌ସେନଟ୍ରେଟର ବହୁଳ ବ୍ୟବହାର ନିମେନ୍ତ ଉଦ୍ୟମ କରାଯିବ ବୋଲି କହିଥିଲେ। ଏହି ଅକ୍‌ସିଜେନ କନ୍‌ନେଟ୍ରେଟର ସାଧାରଣ ଅକ୍‌ସିଜେନ ସିଲିଣ୍ଡରଠାରୁ ଭିନ୍ନ ଅଟେ। ଏହି ଅକ୍‌ସିଜେନ କନ୍‌ସେନଟ୍ରେଟର ଗୁଡ଼ିକରେ ୫ ଲିଟର କରି ଅକ୍‌ସିଜେନ ରହୁଥିବା ବେଳେ ଏହି କନ୍‌ସେନଟ୍ରେଟର ଅଟୋମେଟିକାଲି ଅକ୍‌ସିଜେନ ଜେନେରେଟ୍ କରିଥାଏ। ଯାହାଦ୍ୱାରା କି ଅକ୍‌ସିଜେନ ସରିଯିବାର ଭୟ ନଥାଏ। ଗୁରୁତ୍ୱର ରୋଗୀମାନଙ୍କୁ ଅଧିକ ସମୟ ଧରି ଅକ୍‌ସିଜେନ ଆବଶ୍ୟକ ହେଉଥିବା ବେଳେ ସେହି ରୋଗୀ ମାନଙ୍କ ପାଖରେ ଏହି ଅକ୍‌ସିଜେନ କନ୍‌ସେନଟ୍ରେଟର ଲଗାଗଲେ ଅଧିକ ଫଳପ୍ରଦ ହୋଇଥାଏ ବୋଲି ସି.ଡି.ଏମ୍ ପ୍ରକାଶ କରିଛନ୍ତି। ଇଷ୍ଟନ ସିଲିଣ୍ଡର ଚେୟାରମ୍ୟାନ ଗିରିଜା ମିଶ୍ର ଏବଂ ଅନ୍ୟ ଅଧିକାରୀ ଉପସ୍ଥିତ ରହି ସିଲିଣ୍ଡର ପ୍ରଦାନ କରିଥିବା ବେଳେ ବିଶ୍ୱମାନବ ଅଧିକାର ସଂଗଠନ ପକ୍ଷରୁ ପ୍ରକାଶ ମହାନ୍ତି, ସଙ୍ଘମିତ୍ରା ମହାନ୍ତି, ଚିନ୍ମୟ ବିଶ୍ୱାଳ, ରଶ୍ମିତା ବିଶ୍ୱାଳ, ସୁଜାତା ପଣ୍ଡା, ସେକ ହମିଦ, ସୁବ୍ରତ ଦାସ, ସନ୍ଦିପ୍ତ ଦାସ, ରତିକାନ୍ତ ପାଢୀ ପ୍ରମୁଖ ଉପସ୍ଥିତ ରହି ଅକ୍‌ସିଜେନ୍ ସିଲିଣ୍ଡର ପ୍ରଦାନ କରିଥିଲେ।

ବିଦ୍ୟୁତ୍ ବିଭାଗର ବେପାରୁଆ ନୀତି ପାଇଁ ଅସ୍ଥାୟୀ ବିଦ୍ୟୁତ୍ କର୍ମଚାରୀଙ୍କ ମୃତ୍ୟୁ

କ୍ଷତିପୂରଣ ଦାବି ନେଇ ଷ୍ଟ୍ରକଚର ଠାରେ ଶବ ରଖି ଧାରଣା

ନୀଳଗିରି,୧୧/୦୫ (ନି.ପ୍ର): ଲାଇନମେନ୍ ଙ୍କ ଖାମଖିଆଲି ନୀତି ପାଇଁ ଆଜି ଜଣେ ଅସ୍ଥାୟୀ ବିଦ୍ୟୁତ୍ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ଘଟଣାରୁ ପ୍ରକାଶ ବରହମପୁର ବିଦ୍ୟୁତ୍ ଷ୍ଟ୍ରକଚର ର ବରହମପୁର ଥାନା ଅଧିନସ୍ଥ ଇଷାନେଣ୍ଡି ଗ୍ରାମର ପୁରଷ୍ତମ ସ ର ପୁଅ ସୁଶାନ୍ତ କୁମାର ସ (୪୨) ଉକ୍ତ ଷ୍ଟ୍ରକଚରରେ ଅସ୍ଥାୟୀ ପିଅନ ଭାବେ କାର୍ଯ୍ୟକରି ଆସୁଥିଲେ । ଆଜି ସୋମବାର ଦିନ ରାଢ଼ୋ ଠାରେ ୩୩କେଭି ଲାଇନ କାଟି ଖୁଣ୍ଟରେ ଚଢ଼ି ମରାମତି କରୁଥିବା ବେଳେ ମୁଣ୍ଡ ବୁଲାଇବାରୁ ତଳେ ପଡ଼ି ଗୁରୁତର ହୋଇଥିଲେ । ପରେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦଳା ମେଡିକାଲ ନେଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି । ଅସ୍ଥାୟୀ ପିଅନ କୁ କେଉଁ କର୍ମଚାରୀ ଇଙ୍ଗିତରେ ଖୁଣ୍ଟକୁ ଚଢ଼ି ମରାମତି ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା ? ଖୁଣ୍ଟିକୁ ଚଢ଼ିବା ସମୟରେ ବିଭାଗ ପକ୍ଷରୁ ଗ୍ଲୋବସ, ହେଲମେଟ ଓ ସେଫ୍ଟି ବେଲ୍ଟ ଦିଆ ଯାଇ ନ ଥିଲା କ'ଣ ପାଇଁ ? ଜଣେ ଲାଇନ ମେନ ର କାର୍ଯ୍ୟକୁ ପିଅନକୁ କରିବାକୁ କାହିଁକି ଦିଆଗଲା ? ଏ ସବୁ ପ୍ରଶ୍ନକୁ ନେଇ ଯୁବକର ମରଶରୀରକୁ ପରିବାର ଲୋକ ବରହମପୁର ଷ୍ଟ୍ରକଚର ରେ ରଖି କ୍ଷତିପୂରଣ ଦାବୀ କରିଛନ୍ତି । ଲାଇନମେନ୍ ତାପସ ବାରିକ ନିଜେ କାର୍ଯ୍ୟ ନ କରି ଜନୈକ ଅସ୍ଥାୟୀ ପିଅନକୁ ସବୁବେଳେ କାର୍ଯ୍ୟରେ ଲଗାଇ ବାବୁ ପଣିଆ ଦେଖାଇବା ଶେଷରେ ପିଅନର ମୃତ୍ୟୁ ହେବା ଘଟଣାରେ ବିଭାଗ ପକ୍ଷରୁ ପରିବାରକୁ କି ପ୍ରକାର କ୍ଷତିପୂରଣ ଦେବେ ଏବଂ ଲାଇନମେନଙ୍କ ବିରୁଦ୍ଧରେ କି ପ୍ରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ଦେଖିବାକୁ ବାକି ରହିଲା । ବିଗତ ଦିନରେ ନୀଳଗିରି ସବ୍‌ଡିଭିଜନରେ ଲାଇନମେନ୍ ମାନେ ଅସ୍ଥାୟୀ କର୍ମଚାରୀଙ୍କୁ ରଖି କାର୍ଯ୍ୟରେ ନିୟୋଜିତ କରି ଅସ୍ଥାୟୀ କର୍ମଚାରୀଙ୍କ ଜୀବନ ଯାଇଛି । ଏଥିପ୍ରତି ବିଦ୍ୟୁତ୍ ବିଭାଗର ଏସ.ଡି.ଓ. ଓ ଜେ.ଇ. ଧ୍ୟାନ ଦେଉ ନ ଥିବାରୁ ଏପରି ଘଟଣା ଘଟୁଛି । ଏଥିପ୍ରତି ଜିଲ୍ଲା ପ୍ରଶାସନ ଓ ବିଦ୍ୟୁତ୍ ବିଭାଗର ଉପରିସ୍ଥ ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି ।

ପୁରୀ ଜିଲ୍ଲାରେ ନୂଆ ୩୫୧ କରୋନା ପଜିଟିଭ୍ ଚିହ୍ନଟ

ପୁରୀ,୧୧/୦୫ (ନି.ପ୍ର): ପୁରୀ ଜିଲ୍ଲାରେ ଆଜି ନୂଆ ୩୫୧ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ରିପୋର୍ଟ ପଜିଟିଭ୍ ଆସିବା ପରେ ଆକ୍ରାନ୍ତ ମାନଙ୍କୁ କୋଭିଡ୍ ହସ୍ପିଟାଲ ଓ ହୋମ୍ ଆଇସୋଲେସନ ରଖାଯାଇ ଚିକିତ୍ସା କରାଯାଉଛି । ନୂଆ ଚିହ୍ନଟ ଏହି ଆକ୍ରାନ୍ତ ମାନଙ୍କ ମଧ୍ୟରେ ଅନ୍ତରଙ୍ଗ ବ୍ଲକରୁ ୧୩, ବ୍ରହ୍ମଗିରିରୁ ୯ ଜଣ, ଡ଼େଲାଙ୍ଗରୁ ୧୦, ଗୋପ ୧୪, କାକଟପୁର ୧୪, କଣାସ ୪, କୋଣାର୍କ ବିଜ୍ଞାପିତ ଅଂଚଳରୁ ୩ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ସେହିପରି କୃଷ୍ଣପ୍ରସାଦ ବ୍ଲକରୁ ୨ ଜଣ, ନିମାପଡ଼ା ବ୍ଲକରୁ ୩୪ ଜଣ, ନିମାପଡ଼ା ବିଜ୍ଞାପିତ ଅଂଚଳରୁ ୬ ଜଣ, ପିପିଲି ବ୍ଲକରୁ ୧୫ ଜଣ, ପିପିଲି ବିଜ୍ଞାପିତ ଅଂଚଳରୁ ୪ ଜଣ, ପୁରୀ ସଦର ବ୍ଲକରୁ ୩୬ ଜଣ, ପୁରୀ ପୌରାଚଂଳରୁ ସର୍ବାଧିକ ୧୬୯ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଅନୁରୂପ ଭାବେ ସତ୍ୟବାଦୀ ବ୍ଲକରୁ ୧୫ ଜଣ ଓ ଅନ୍ୟ ଜିଲ୍ଲାରୁ ଆସି ପୁରୀ ଜିଲ୍ଲାରେ ରହିଥିବା ୩ ଜଣ ବ୍ୟକ୍ତି ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ବିଶେଷ କରି ପୁରୀ ଜିଲ୍ଲାରେ କରୋନା ଗ୍ରାଫ୍ ଦିନକୁ ଦିନ ଉପର ମୁହାଁ ହେବାରେ ଲାଗିଥିବା ଜଣାପଡିଛି । ଯାହାକି ଜିଲ୍ଲା ପ୍ରଶାସନ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି । ଗତକାଲି ପୁରୀ ଜିଲ୍ଲାରେ ଦ୍ୱିତୀୟ ଲହରରେ ସର୍ବାଧିକ ୭୦୮ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

ଗୋଟିଏ ଦିନରେ ୯୭୯୩....

୪୫୭୫୬୯ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୯୪୮୨୯ ରହିଛି । ଆଜି ଚିହ୍ନଟ ହୋଇଥିବା ୯୭୯୩ ଜଣଙ୍କ ମଧ୍ୟରୁ ୫୫୩୪ ଜଣ ସଂଗରୋଧରୁ ହୋଇଥିବା ବେଳେ ୪୨୫୯ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୧୫୧୧ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୫୨୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୩୧୪ ଜଣ, ବରଗଡ଼ରୁ ୨୭୦ ଜଣ, ଭଦ୍ରକରୁ ୫୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୩୪୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୧୫୨, କଟକରୁ ୬୪୧ ଜଣ, ଦେବଗଡ ଜିଲ୍ଲାରୁ ୧୨୫ ଜଣ, ଢେଙ୍କାନାଳ ଜିଲ୍ଲାରୁ ୯୧ ଜଣ, ଗଜପତି ଜିଲ୍ଲାରୁ ୧୧୧, ଗଞ୍ଜାମରୁ ୨୭୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୧୮୯ ଜଣ, ଯାଜପୁରରୁ ୩୭୬ ଜଣ, ଝାରସୁଗୁଡ଼ାରୁ ୪୦୪ ଜଣ, କଳାହାଣ୍ଡିରୁ ୨୨୪ ଜଣ, କନ୍ଧମାଳ ଜିଲ୍ଲାରୁ ୧୦୧ ଜଣ. କେନ୍ଦ୍ରାପଡ଼ାରୁ ୧୫୮ ଜଣ, କେନ୍ଦୁଝରରୁ ୨୪୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୧୫୧୧ ଜଣ, କୋରାପୁଟରୁ ୧୭୪ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୬୩ ସଂକ୍ରମିତ ଚିହ୍ନଟ ହୋଇଛନ

ବାଲେଶ୍ୱର, ବୁଧବାର, ୧୨ ମଇ, ୨୦୨୧

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ରାଜ୍ୟରେ ଗତ ୨୪ ଘଂଟାରେ କରୋନାରେ ୧୮ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୧୧/୦୫ (ନି.ପ୍ର): ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ କରୋନାରେ ୧୮ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୨୨୧୫ ହୋଇ ଯାଇଛି । ଗତକାଲି କରୋନାରେ ରାଜ୍ୟରେ ୧୭ ଜଣଙ୍କ ଜୀବନ ଯାଇଥିଲା । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଅନୁଗୁଳ ଜିଲ୍ଲାରୁ ୪ ଜଣ, ଖୋର୍ଧା ଜିଲ୍ଲାରୁ ୩ ଜଣ, କଳାହାଣ୍ଡି, ରାୟଗଡା ଓ ସୁନ୍ଦରଗଡରୁ ୨-୨ ଜଣ ମୃତ୍ୟୁ ବରଣ କରିଥିବା ବେଳେ ବୌଦ୍ଧ, ଦେବଗଡ, ଗଜପତି, ମାଲକାନଗିରି ଓ ପୁରୀ ଜିଲ୍ଲାରୁ ଜଣେ ଲେଖାଏ କରୋନା ଆକ୍ରାନ୍ତ ମୃତ୍ୟୁ ବରଣ କରିଛନ୍ତି । ଅନୁଗୁଳ ଜିଲ୍ଲାର ଜଣେ ୮୩ ବର୍ଷୀୟ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ସେହିପରି ଏହି ଜିଲ୍ଲାର ଜଣେ ୬୫ ବର୍ଷୀୟ ପୁରୁଷ, ଜଣେ ୬୦ ବର୍ଷୀୟ ପୁରୁଷ ତଥା ଅନ୍ୟ ଜଣେ ୪୫ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ଭୁବନେଶ୍ୱରର ଜଣେ ୭୭ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତ, ଜଣେ ୮୫ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ବେଳେ ଖୋର୍ଧା ଜିଲ୍ଲାର ଜଣେ ୨୬ ବର୍ଷୀୟ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେହିପରି କଳାହାଣ୍ଡି ଜିଲ୍ଲାର ଜଣେ ୩୯ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତ ତଥା ଜଣେ ୨୯ ବର୍ଷୀୟ ଅନ୍ୟ ଜଣେ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ମାଲକାନଗିରି ଜିଲ୍ଲାର ଜଣେ ୬୦ ବର୍ଷୀୟା ମହିଳା କରୋନା ଆକ୍ରାନ୍ତ. ବୌଦ୍ଧ ଜିଲ୍ଲାର ଜଣେ ୪୫ ବର୍ଷୀୟା ମହିଳା କରୋନା ଆକ୍ରାନ୍ତ, ଦେବଗଡ ଜିଲ୍ଲାର ଜଣେ ୪୫ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ପୁରୀ ଜିଲ୍ଲାର ଜଣେ ୫୨ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ରାୟଗଡା ଜିଲ୍ଲାର ଜଣେ ୭୭ ବର୍ଷୀୟ ପୁରୁଷ କରୋନା ସଂକ୍ରମିତ ଓ ଜଣେ ୪୫ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମଧ୍ୟ ମୃତ୍ୟୁ ଘଟିଛି । ସୁନ୍ଦରଗଡର ଜଣେ ୫୩ ବର୍ଷୀୟ କରୋନା ସଂକ୍ରମିତ ପୁରୁଷ ତଥା ଜଣେ ୫୫ ବର୍ଷୀୟ ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି ।

ପ୍ରଶାସନର ତାଲାବନ୍ଦ ମାର୍ଗଦର୍ଶିକାକୁ ଫୁ’: ସବୁଠି ସାହାଣ ମେଳା ପରିସ୍ଥିତି

ବାଲେଶ୍ୱର,୧୧/୦୫ (ନି.ପ୍ର): କରୋନା ସଂକ୍ରମଣ ରୋକିବାକୁ ସରକାର ତଥା ପ୍ରଶାସନ ପକ୍ଷରୁ ସପ୍ତାହାନ୍ତା ବନ୍ଦ ସାଙ୍ଗକୁ ୨ ସପ୍ତାହ ଧରି ଚାଲିଥିବା ତାଲାବନ୍ଦ ବାଲେଶ୍ୱରରେ ପ୍ରଭାବଶୂନ୍ୟ ପରିଲକ୍ଷିତ ହୋଇଛି । ମଧ୍ୟାହ୍ନ ପର୍ଯ୍ୟନ୍ତ ବଜାର ଖୋଲା ରହୁଥିବା ବେଳେ ସହରରେ ସ୍ୱାଭାବିକ ଭାବେ ଯାନାବାହାନ, ଅଟୋ ପ୍ରଭୃତି ଚଳ ପ୍ରଚଳ କରୁଥିବା ଦେଖିବାକୁ ମିଳିଛି । ବିଶେଷ କରି ପରିବା ମାର୍କେଟ ଓ ଫଳ ମାର୍କେଟରେ ଲୋକଙ୍କ ଭିଡ଼ ଥମୁନି । କଚେରୀ ରୋଡ଼, ଅରଡ଼ବଜାର, ଗୋଳାପୋଖରୀ ଛକ ପରିବା ଓ ମାଛ ମାର୍କେଟ, ଫାଣ୍ଡିଛକର ଫଳ ମାର୍କେଟରେ ଆଶାତୀତ ଭାବେ ଭିଡ଼ ଲକ୍ଷ୍ୟ କରାଯାଇଛି । ସହରର ବିଭିନ୍ନ ଛକରେ ପୁଲିସ ଯାନବାହନ ଯାଞ୍ଚ ସହ ଫାଇନ ଆଦାୟ କରୁଥିଲେ ବି ଜନଗହଳି ହ୍ରାସ ନେଇ କୌଣସି ପଦକ୍ଷେପ ନେଉ ନଥିବା ଦେଖିବାକୁ ମିଳିଛି । ସବୁଠାରୁ ବଡ଼ କଥା ହେଲା ତାଲାବନ୍ଦ ମାର୍ଗଦର୍ଶିକାରେ ଲୋକେ ଦିନ ୧୨ଟା ପର୍ଯ୍ୟନ୍ତ ଘରଠାରୁ ଚାଲି ଚାଲି ଯାଇ ୫ଶହ ମିଟର ଦୂରରେ ଥିବା ଦୋକାନରୁ ନିଜର ଆବଶ୍ୟକ ସାମଗ୍ରୀ ସଂଗ୍ରହ ପାଇଁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା । ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଲା, ପୌରପାଳିକା ପକ୍ଷରୁ ମାଇକରେ ବି ପ୍ରଚାର ହେଲା, ମାତ୍ର ଲୋକେ କିଛି ବୁଝିଲେ ନାହିଁ । ପୁଲିସ ବି କଡ଼ା ଆଭିମୁଖ୍ୟରୁ ଦୂରେଇ ରହିଲା । ଫଳରେ ଏବେ ସହର ବଜାରରେ ସାହାଣ ମେଳା ଅବସ୍ଥା ସୃଷ୍ଟି ହୋଇଛି । ତୁରନ୍ତ ଏ ବାବଦରେ ଉଚିତ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି ।

ମହାରାଷ୍ଟ୍ରରେ ଗତ ୨୪ ଘଂଟାରେ ୪୦,୯୫୬ କରୋନାର ନୂଆ ମାମଲା

ମୁମ୍ବାଇ,୧୧/୦୫ (ନି.ପ୍ର): ମହାରାଷ୍ଟ୍ରରେ ଗତ ୨୪ ଘଂଟାରେ ୪୦,୯୫୬ ନୂଆ କରୋନାର ମାମଲା ସାମନାକୁ ଆସିଛି । ଏହି ସମୟ ମଧ୍ୟରେ ୭୯୩ ଜଣଙ୍କର ମୃତ୍ୟୁ ଘଟିଛି । ପ୍ରଦେଶ ସରକାରଙ୍କ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହିତ ରାଜ୍ୟରେ ମୋଟ ସକ୍ରିୟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୫,୫୮,୯୯୬ ହାଇଛି । ବର୍ତମାନ ସୁଦ୍ଧା ରାଜ୍ୟରେ କରୋନା କାରଣରୁ ୭୭,୧୯୧ଜଣ ମୃତ୍ୟୁବରଣ କରିଛନ୍ତି ।

ଜିଲ୍ଲାପାଳ ଓ ଏସପି କରୋନା ସ୍ଥିତି ପରଖିଲେ

ବାରିପଦା,୧୧/୦୫ (ନି.ପ୍ର): ରାଜ୍ୟ ସହିତ ମୟୁରଭଞ୍ଜ ଜିଲ୍ଲାରେ କରୋନା ମହାମାରୀ ନିଜ କାୟା ବିସ୍ତାର କରିଚାଲିଥିବା ବେଳେ ଜିଲ୍ଲାରେ ପ୍ରତ୍ୟେକ ଦିନ ନୂତନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଶତକ ପାର କରୁଛି । ତେବେ ମୟୁରଭଞ୍ଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସ୍ମିଥ ପି ପରମାର ଦୁଇ ଦିନ ତଳେ ଭିଡିଓ ବାର୍ତ୍ତା ଜାରି କରି ସମସ୍ତ ଜିଲ୍ଲାବାସୀଙ୍କୁ କରୋନା ସଚେତନତା ବାର୍ତ୍ତା ଦେଇଥିବା ସହିତ ସୋମବାର ପୂର୍ବାହ୍ନରେ ଉଭୟ ବାରିପଦା ସହରର ବିଭିନ୍ନ ସ୍ଥାନ ବୁଲି କରୋନା ସ୍ଥିତି ସମୀକ୍ଷା କରିଛନ୍ତି । ନିୟମକୁ ମାନିବା ସହିତ ବାହାରକୁ ବାହାରିବା ସମୟରେ ମାସ୍କ ବ୍ୟବହାର କରିବାକୁ ଅନୁରୋଧ କରିଛନ୍ତି । ଆବଶ୍ୟକ ନଥିଲେ ଘରୁ ନବାହାରିବା ସହିତ ହାତକୁ ବାରମ୍ବାର ସାନିଟାଇଜ କରିବାକୁ ପରାମର୍ଶ ଦେଇଛନ୍ତି । ଜିଲ୍ଲା ପ୍ରଶାସନ ସମସ୍ତ ଦିଗରେ କରୋନା ମହାମାରୀ ସହ ଲଢେଇ ପାଇଁ ପ୍ରସ୍ତୁତ ରହିଥିବା ବେଳେ କରୋନା ଲଢେଇରେ ଜିଲ୍ଲାବାସୀଙ୍କୁ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି ଜିଲ୍ଲାପାଳ ଓ ଏସପି । ତେବେ ବହୁ ଲୋକ ନିଜ ଜୀବନ ଜିବିକାକୁ ନେଇ ଚିନ୍ତାରେ ବାହାରକୁ ବାହାରୁଥିବା ବେଳେ କିଛି ଅମାନିଆ ବିନା କାମରେ ବାହାରେ ବୁଲାବୁଲି କରୁଥିବାରୁ ସେମାନଙ୍କ ଠାରୁ ମୋଟା ଅଙ୍କର ଫାଇନ ମଧ୍ୟ ଆଦାୟ କରୁଛି ଜିଲ୍ଲା ପୋଲିସ ।

କରୋନାରୁ ସୁସ୍ଥ ହୋଇ ବାରିପଦା ଫେରିଲେ ମୟୂରଭଞ୍ଜ ସାଂସଦ

ବାରିପଦା,୧୧/୦୫ (ନି.ପ୍ର): ମୟୁରଭଞ୍ଜ ସାଂସଦ ତଥା ବିଜେପି ରାଷ୍ଟ୍ରୀୟ ସମ୍ପାଦକ ଇଂ ବିଶ୍ୱେଶ୍ୱର ଟୁଡୁ କରୋନାରୁ ସୁସ୍ଥ ହୋଇ ବାରିପଦା ଫେରିଥିବାର ଜଣା ଯାଇଛି । ଏପ୍ରିଲ ୨୦ ତାରିଖରେ ସାଂସଦ ଶ୍ରୀ ଟୁଡୁ ପଶ୍ଚିମବଙ୍ଗ ନିର୍ବାଚନ ପ୍ରଚାର ସାରି ଫେରିବା ପରେ ଗତ ଏପ୍ରିଲ ୨୧ ତାରିଖ ସକାଳେ ଅଚାନକ ଅସୁସ୍ଥତା ଅନୁଭବ କରିବାରୁ ବାରିପଦା ସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲ ରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ । ପରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବିଶେଷଜ୍ଞ ଡାକ୍ତରଙ୍କ ପରାମର୍ଶ କ୍ରମେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତରିତ କରାଯାଇଥିଲା । ଦୀର୍ଘ ୧୮ ଦିନ ଧରି ଏମ୍ସରେ ବିଶେଷଜ୍ଞ ଡାକ୍ତର ମାନଙ୍କ ତତ୍ତ୍ୱାବଧାନରେ ଚିକିତ୍ସିତ ହୋଇ ବାରିପଦା ଫେରିଛନ୍ତି । ବାରିପଦା ଫେରିବା ପରେ ସାଂସଦ ଶ୍ରୀ ଟୁଡୁ ମୟୁରଭଞ୍ଜର ଜନସାଧାରଣ , ଦଳୀୟ କାର୍ଯ୍ୟକର୍ତ୍ତା ଙ୍କ ଭଲ ପାଇବା ଓ ଏମ୍ସ ଡାକ୍ତରଙ୍କ ସମ୍ପୂର୍ଣ୍ଣ ସହଯୋଗ ତଥା ଭଗବାନଙ୍କ ଆଶୀର୍ବାଦ କାରଣରୁ ଶିଘ୍ର ଆରୋଗ୍ୟ ଲାଭ କରିଛନ୍ତି ବୋଲି କହି ସମସ୍ତଙ୍କୁ କୃତଜ୍ଞତା ଅର୍ପଣ କରିଛନ୍ତି । ସମ୍ପୂର୍ଣ୍ଣ ସୁସ୍ଥ ହେବା ପର୍ଯ୍ୟନ୍ତ ଡାକ୍ତରଙ୍କ ପରାମର୍ଶ କ୍ରମେ ଆହୁରି ୧୫ ଦିନ ସେ ହୋମ୍ ଆଇସୋଲେସନରେ ରହିବେ ବୋଲି ଜଣାପଡିଛି ।

ଜିଲ୍ଲାରେ ୪,୧୧,୪୯୨ ଜଣ ନେଲେ କୋଭିଡ ଟିକା

ବାଲେଶ୍ୱର,୧୧/୦୫ (ନି.ପ୍ର): ଅଳ୍ପ କିଛିଦିନର ଅବଧି ପରେ ଏବେ ଜିଲାରେ କୋଭିଡ ଟିକାକରଣ କାର୍ଯ୍ୟକ୍ରମ ଜୋରଦାର ହେବାରେ ଲାଗିଛି । ସୋମବାର ଗୋଟିଏ ଦିନରେ ଜିଲାର ୮୫ ଗୋଟି କେନ୍ଦ୍ରରେ ମୋଟ ୯ହଜାର ୬୦୮ ଜଣଙ୍କୁ କୋଭିଡ ଟିକା ପ୍ରଦାନ କରାଯାଇଥିବା ବେଳେ ଅଦ୍ୟାବଧି ଜିଲାରେ ମୋଟ ୪ଲକ୍ଷ ୧୧ହଜାର ୪୯୨ଜଣ ଟିକା ନେଇଥିବା ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି । ସେମାନଙ୍କ ମଧ୍ୟରେ ୩ ଲକ୍ଷ ୨୪ ହଜାର ୦୩୬ ଜଣ ପ୍ରଥମ ପାନ ଓ ୮୭ ହଜାର ୧୩୬ ଜଣ ଦ୍ୱିତୀୟ ପାନ ଟିକା ନେଇଛନ୍ତି । ତନ୍ମଧ୍ୟରୁ ୧ଲକ୍ଷ ୭୦ ହଜାର ୫୯୦ ଜଣ ପୁରୁଷ, ୧ଲକ୍ଷ ୫୩ ହଜାର ୭୨୯ ଜଣ ମହିଳା ଏବଂ ୩୭ ଜଣ ତୃତୀୟ ଲିଙ୍ଗୀ ଅଛନ୍ତି । ଏବେ ସୁଦ୍ଧା ୧,୫୮,୭୬୭ଜଣ ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସର ବ୍ୟକ୍ତି ଟିକା ନେଇଥିବା ବେଳେ ୪୫ରୁ ୬୦ବର୍ଷ ମଧ୍ୟରେ ୧,୪୮,୯୪୪ଜଣ, ୩୦ରୁ ୪୫ ବର୍ଷ ମଧ୍ୟର ୧୧,୯୯୯ ଏବଂ ୧୮ରୁ ୩୦ବର୍ଷ ମଧ୍ୟରେ କୋଭିଡ ଯୋଦ୍ଧା ଓ ସ୍ୱାସ୍ଥ୍ୟକର୍ମୀଙ୍କ ସମେତ ୪୬୩୮ଜଣଥିବା ସୂଚନା ମିଳିଛି । ସମ୍ପ୍ରତି ସଂକ୍ରମଣ ରୋକିବାକୁ ଟିକାକରଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯାଇଥିବା ବେଳେ ୭୦ ବର୍ଷରୁ ଊର୍ଦ୍ଧ୍ୱ ତଥା ଚଳପ୍ରଚଳ ରହିତ ବ୍ୟକ୍ତିଙ୍କ ପାଇଁ ମୋବାଇଲ ଟିକାକରଣ ବ୍ୟବସ୍ଥା ଆରମ୍ଭ ପାଇଁ ବିଭିନ୍ନ ମହଲରୁ ଦାବି ହୋଇଛି ।

ଜିଲ୍ଲାର ୩୧୪ ନୂଆ କରୋନା ସଂକ୍ରମିତ

ବାଲେଶ୍ୱର,୧୧/୦୫ (ନି.ପ୍ର): ଦ୍ୱିତୀୟ ଲହରରେ କରୋନା କାୟା ବିସ୍ତାରକୁ ନେଇ ସବୁ ମହଲରୁ ଉଦବେଗ ପ୍ରକାଶ ପାଇଛି । ଏହି ପରିପ୍ରେକ୍ଷୀରେ ବାଲେଶ୍ୱରର ସ୍ଥିତି କ୍ରମଶଃ ଜଟିଳ ହେବାରେ ଲାଗିଛି । ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗର ରିପୋର୍ଟ ଅନୁସାରେ ୨୪ ଘଣ୍ଟା ମଧ୍ୟରେ ଜିଲାରେ ଚିହ୍ନଟ ହୋଇଥିବା ୩୧୪ ଜଣ ସଂକ୍ରମିତଙ୍କ ମଧ୍ୟରେ ସହରର ସହଦେବଖୁଣ୍ଟାରୁ ୭ଜଣ, ନୂଆବଜାରରୁ ୪ଜଣ, ଭୋଇସାହିରୁ ୪ଜଣ, ଆଜିମାବାଦରୁ ୩ଜଣ, ଚିଡ଼ିଆପୋଲ ପାଖରୁ ୩ଜଣ, ମୋତିଗଞ୍ଜ ଅଞ୍ଚଳରୁ ୩ଜଣ, ତେଲେଙ୍ଗାସାହିରୁ ୩ଜଣ, ଜିଲା ମୁଖ୍ୟ ଚିକିତ୍ସାଳୟରୁ ୨ଜଣ, ଗୋପାଳଗାଁରୁ ୨ଜଣ, ମାଣିଖମ୍ବରୁ ୨ଜଣ, ମାକଲପୁରରୁ ୨ଜଣ, ନେଳିଆବାଗରୁ ୨ଜଣ, ସୁନହଟରୁ ୨ଜଣ, ଫକୀରମୋହନ ନଗରରୁ ୨ଜଣଙ୍କ ସମେତ ଏଫଏମ ଗୋଲେଇ, ଗଡ଼ଗଡ଼ିଆ ଛକ, ମଲିକାଶପୁର, ମଠସାହି, ଓଟି ରୋଡ଼, ପଠାଣମହଲା, ଷ୍ଟେସନଛକ ଓ ଟାଉନହଲ ପ୍ରଭୃତି ଅଞ୍ଚରୁ ଜଣେ ଲେଖାଏଁ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ସଦର ବ୍ଲକରୁ ୪୩ଜଣ, ରେମୁଣା ବ୍ଲକରୁ ୨୨ଜଣ, ବାହାନଗା ବ୍ଲକରୁ ୩୮ଜଣ, ଖଇରା ବ୍ଲକରୁ ୬୦ଜଣ, ଔପଦା ବ୍ଲକରୁ ୧୬ଜଣ, ଜଳେଶ୍ୱର ବ୍ଲକରୁ ୩୭ଜଣ, ସୋର ବ୍ଲକରୁ ୨୧ଜଣ, ଭୋଗରାଇ ବ୍ଲକରୁ ୫ଜଣ, ବସ୍ତା ବ୍ଲକରୁ ୬ଜଣ, ସିମୁଳିଆ ବ୍ଲକରୁ ଜଣେ, ନୀଳଗିରି ବ୍ଲକରୁ ୭ଜଣ ଓ ବାଲିଆପାଳ ବ୍ଲକରୁ ୫ଜଣଙ୍କୁ ନୂଆ ସଂକ୍ରମିତ ଭାବେ ଚିହ୍ନଟ କରାଯାଇଛି । ଚିହ୍ନଟ ହୋଇଥିବା ସମସ୍ତେ ସ୍ଥାନୀୟ ସଂକ୍ରମିତ ଓ ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ତେବେ ବାଲେଶ୍ୱର ପୌରାଞ୍ଚଳର ସହଦେବଖୁଣ୍ଟାରୁ ୭ଜଣ, ବାହାନଗା ବ୍ଲକର ଅରାଡ଼ରୁ ୧୪ ଜଣ ଓ କୋଚିଆକୋଇଲିରୁ ୫ଜଣ, ଖଇରା ବ୍ଲକ ଡାଳନାଗରୁ ୧୦ଜଣ, ମଛଦାରୁ ୧୦ଜଣ, ସୌନ୍ଦିଆରୁ ୫ଜଣ ଓ ତୁଟାରୁ ୧୧ଜଣ ଏବଂ ସଦର ବ୍ଲକର ତୁମୁରିଆରୁ ୧୪ଜଣ ଏକକାଳୀନ ସଂକ୍ରମିତ ହେବାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଛି । ଜିଲ୍ଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଅଦ୍ୟାବଧି ୧୭ହଜାର ୦୪୭ରେ ପହଞ୍ଚିଥିବା ବେଳେ ଏପର୍ଯ୍ୟନ୍ତ ୧୪,୫୭୧ଜଣ ସଂକ୍ରମିତ ସୁସ୍ଥ ହୋଇଛନ୍ତି ।

ତାଲାବନ୍ଦରେ ଦୟନୀୟ ପରିବହନ କର୍ମଚାରୀ : ସରକାରୀ ସହାୟତା ପାଇଁ ଦାବି

ବାଲେଶ୍ୱର,୧୧/୦୫ (ନି.ପ୍ର): ଦ୍ୱିତୀୟ ଲହର କରୋନା ସଂକ୍ରମଣ ରୋକିବା ପାଇଁ ସରକାର ତଥା ଜିଲା ପ୍ରଶାସ ପକ୍ଷରୁ ଗତ ଦୁଇ ସପ୍ତାହ ଧରି ତାଲାବନ୍ଦ ଜାରି ରହିଥିବା ବେଳେ ଏହାର ପ୍ରଭାବ ଏବେ ଶ୍ରମଜୀବୀ ଓ ଗରିବ ଲୋକଙ୍କ ଉପରେ ଅଧିକ ଅନୁଭୂତ ହେବାରେ ଲାଗିଛି । ତେବେ ବାଲେଶ୍ୱରରେ ଅନ୍ୟାନ୍ୟ ବର୍ଗଙ୍କ ତୁଳନାରେ ପରିବହନ କର୍ମଚାରୀଙ୍କ ଅବସ୍ଥା ଅତ୍ୟନ୍ତ ଦୟନୀୟ ହୋଇଥିବା ଲକ୍ଷ୍ୟ କରାଯାଇଛି । ସମ୍ପ୍ରତି ବସ ଚଳାଚଳ ବନ୍ଦ ହୋଇଥିବା ବେଳେ ବସ ଚାଳକ, ସହାୟକ ଓ ଟିକଟ ପ୍ରଦାନକାରୀଙ୍କ ପରିବାର ଏବେ ସଂକଟ ମଧ୍ୟରେ ଗତି କରୁଛନ୍ତି । ଏଭଳି ସ୍ଥିତିରେ ସେମାନଙ୍କ ପାଇଁ ସରକାରଙ୍କ ପକ୍ଷରୁ କିଛି ସହାୟତା ବ୍ୟବସ୍ଥା କରା ନଯିବାକୁ ନେଇ ପରିବହନ କର୍ମଚାରୀ ସଂଘର କର୍ମକର୍ତ୍ତାମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ବସ ବନ୍ଦ ରହିଥିବା ବେଳେ ମାଲିକମାନେ ସେମାନଙ୍କ କଥା ବୁଝୁନଥିବା ବେଳେ ପରିବହନ ବିଭାଗ କିମ୍ବା ପ୍ରଶାସନ ପାଖରୁ କୌଣସି ସହାୟତା ନ ମିଳିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ସଂଗଠନର ସେମାନେ କହିଛନ୍ତି । ପ୍ରଥମ ଲହର କରୋନା ବେଳେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ସମାଜର ବିଭିନ୍ନ ବର୍ଗର ଲୋକଙ୍କୁ କିଛି କିଛି ସହାୟତା ପ୍ରଦାନ କରାଯାଇଥିଲେ ବି ପ୍ରତିଦିନ ୨୪ ଘଣ୍ଟିଆ କାର୍ଯ୍ୟ କରିଆସୁଥିବା ପରିବହନ କର୍ମଚାରୀଙ୍କ ପ୍ରତି ସରକାର ଉଦାସୀନ ଦେଖାଇ ଆସିଛନ୍ତି । ପ୍ରତ୍ୟେକ ପରିବହନ କର୍ମଚାରୀଙ୍କୁ ମାସିକ ସାଢ଼େ ୭ହଜାର ଟଙ୍କା ଓ ୧୦ କେଜି ଚାଉଳ ପ୍ରଦାନ ପାଇଁ ନିକଟ ଅତୀତରେ ଜିଲାପାଳଙ୍କୁ ସାକ୍ଷାତ ସଂଗଠନ ପକ୍ଷରୁ ଦାବି ହୋଇଥିଲା । ମାତ୍ର ଏ ସମ୍ପର୍କରେ ପ୍ରଶାସନ କୌଣସି ପଦକ୍ଷେପ ନିଆଯାଇ ନଥିବା ସେମାନେ ପ୍ରକାଶ କରିଛନ୍ତି ।

କରୋନା କଟକଣାକୁ ନମାନି ଗଣିଲେ ୨୧ହଜାର ଟଙ୍କା

ନୀଳଗିରି,୧୧/୦୫ (ନି.ପ୍ର): ରାଜ୍ୟ ସରକାର ଆସନ୍ତା ୧୯ତାରିଖ ପର୍ଯ୍ୟନ୍ତ କୋଭିଡ କଟକଣାକୁ ଆଖି ଆଗରେ ରଖି ଲକଡାଉନ ଘୋଷଣା କରିଥିବା ବେଳେ ସରକାରଙ୍କର କୋଭିଡ୍ କୁ ଯେଉଁ ଅମାନିଆମାନେ ବେଖାତିର କରୁଛନ୍ତି ସେମାନଙ୍କ ଠାରୁ ଜୋରିମାନା ଆଦାୟ କରିବା ପାଇଁ ପ୍ରଶାସନିକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲା ବେଳେ ନୀଳଗିରି ତହସିଲଦାର, ନୀଳଗିରି ପୋଲିସ ମିଳିତ ଚଢ଼ାଉ କରି ଆଜି ଅମାନିଆମାନଙ୍କ ଠାରୁ ୨୧ହଜାର ଟଙ୍କା ଆଦାୟ କରିବା ଘଟଣା ଅମାନିଆ ମାନଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି । ନୀଳଗିରି ତହସିଲଦାର ଅଶେଷ କୁମାର ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ନୀଳଗିରି ବଜାର ସମେତ ବରହମପୁର ବଜାରରେ ଚଢ଼ାଉ କରିଥିଲେ । ନୀଳଗିରି ବଜାରରେ ସାମାଜିକ ଦୂରତା ଅବଲମ୍ବନ କରି ନ ଥିବା କିଛି ଦୋକାନୀ ଭାଇ ମାନଙ୍କ ଠାରୁ ଜୋରିମାନା ଆଦାୟ କରିଥିବା ବେଳେ ବରହମପୁର ବଜାରରେ କିଛି ମୋବାଇଲ ଦୋକାନକୁ ସିଲ କରିଥିବା ଦେଖିବାକୁ ମିଳିଛି । ଏହି ଚଢ଼ାଉରେ ନୀଳଗିରି ଅତିରିକ୍ତ ତହସିଲଦାର ନିରଂଜନ ଧଳ, ନାଜର ରତିକାନ୍ତ ମହାନ୍ତି, ବରହମପୁର ଆର.ଆଇ. ରାଜକିଶୋର ସିଂ, ବରହମପୁର ଓ.ଆଇ.ସି. ରବିନାରାୟଣ ଭୂୟାଁ ସାମିଲ ଥିଲେ ।

ବରିଷ୍ଠ ନାଗରିକଙ୍କ ଟିକାକରଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଦାବି

ବାଲେଶ୍ୱର,୧୧/୦୫ (ନି.ପ୍ର): ବାଲେଶ୍ୱରରେ କୋଭିଡ ପରିଚାଳନାର ଦୁସ୍ଥ ସ୍ଥିତିକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଯୁବନେତା ବିକ୍ରମ ପଣ୍ଡା । ବିଶେଷ କରି କୋଭଡ ଟିକାକରଣ କ୍ଷେତ୍ରରେ ବର୍ଷୀୟାନ ବ୍ୟକ୍ତିଙ୍କ ପ୍ରତି ଅଣଦେଖା କରାଯାଉଥିବା ସେ ଆରୋପ କରିଛନ୍ତି । ଚଳପ୍ରଚଳ କରିପାରୁ ନଥିବା ୭୦ବର୍ଷରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କୁ ଟିକା ପ୍ରଦାନ ପାଇଁ ଉଚିତ ପଦକ୍ଷେପ ନେବା ଉଚିତ ବୋଲି ସେ କହିଛନ୍ତି । ଜିଲାରେ ଏକାଧିକ ଟିକାକେନ୍ଦ୍ର ଖୋଲା ଯାଇଥିଲେ ବି ଚଳ ପ୍ରଚଳ କିପାରୁଥିବା ବରଷ୍ଠ ବ୍ୟକ୍ତି ଏଠାକୁ ଆସି ଟିକା ନେଇପାରୁଛନ୍ତି । ମାତ୍ର ଘରେ ବସି ରହିଥିବା ଲୋକଙ୍କ ପାଇଁ